**ସଂକ୍ଷେପରେ**

## ଅକ୍ଷୟ ସଭାପତି, ରାମେଶ୍ୱର ସମ୍ପାଦକ




**ରାଇରଙ୍ଗପୁର,୧୨।୧୨(ଡି.ଏନ୍.ଏ):** ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଓକିଲ ସଂଘ ନିର୍ବାଚନରେ ସଭାପତି ଭାବେ ଅକ୍ଷୟ କୁମାର ମହାନ୍ତି ଓ ସମ୍ପାଦକ ଭାବେ ରାମେଶ୍ୱର ଅଧିକାରୀ ନିର୍ବାଚିତ ହୋଇଛନ୍ତି। ସେହିପରି ଉପ-ସଭାପତି ଭାବେ ମନୋଜ କୁମାର ଦାସ, ସହ ସମ୍ପାଦକ ହରେକୃଷ୍ଣ ମହାକୁଡ ଏବଂ କୋଷାଧକ୍ଷ ଭାବେ ଲକ୍ଷ୍ମଣ କୁମାର ମାଝି ନିର୍ବାଚିତ ହୋଇଛନ୍ତି । କାର୍ଯ୍ୟକାରୀ ସଦସ୍ୟ ଭାବେ ସୁବ୍ରତ କୁମାର ମଣ୍ଡଳ ,ଅରୁଣ ବାରିକ,ବିଭୁଦେନ୍ଦ୍ର କୁମାର ଲେଙ୍କା,କିଶୋର ଚନ୍ଦ୍ର ମହାନ୍ତ,ଗୌରୀ ଶଙ୍କର ଦତ୍ତ,ବିରଞ୍ଚି ନାରାୟଣ ନନ୍ଦ ଏବଂ ନନ୍ଦରାଣୀ ହେମ୍ବ୍ରମ୍ ନିର୍ବାଚିତ ହୋଇଛନ୍ତି ।

## ଅରୂପ ବେତନଟୀ ବାର ଆସୋସିଏଶନ ସଭାପତି

**ବାରିପଦା ଅଫିସ,୧୨।୧୨:** ରାଜ୍ୟ ବାରକାଉନ୍‌ସିଲ ପକ୍ଷରୁ ଜାରି କରାଯାଇଥିବା ବିଜ୍ଞପ୍ତି ଅନୁଯାୟୀ ବେତନଟୀ ବାରଆସୋସିଏଶନର ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନ ଅଧିକାରୀ ଭାବେ ଯୁବ ଆଇନଜୀବୀ ରଣଜିତ ଗନ୍ତାୟତ ନିର୍ବାଚନକୁ ପରିଚାଳନା କରିଥିଲେ। ମୋଟ ସଦସ୍ୟା ସଦସ୍ୟଙ୍କ ମଧ୍ୟରୁ ୨ଜଣ ଅନୁପସ୍ଥିତ ଥିବାରୁ ୩୧ଜଣ ମତଦାନ କରଥିଲେ। ଫଳାଫଳ ଅନୁଯାୟୀ ସଭାପତି ଭାବେ ଅରୂପ କୁମାର ଘୋଷ, ଉପସଭାପତି ହେମନ୍ତ ମହାନ୍ତ, ସମ୍ପାଦକ ପ୍ରବୀର କୁମାର ବାରିକ, ଯୁଗ୍ମ ସମ୍ପାଦକ ଦେବବ୍ରତ ପରିଡ଼ା ଏବଂ କୋଷାଧକ୍ଷ ଭାବେ ରବିନାରାୟଣ ମହାପାତ୍ର ନିର୍ବାଚିତ ହୋଇଛନ୍ତି । ପରିଚାଳନା ପରିଷଦର ସଦସ୍ୟ ଭାବେ ୫ଜଣ ବିନା ପ୍ରତିଦ୍ୱନ୍ଦିତାରେ ମନୋନୀତ ହୋଇଛନ୍ତି ।

## ଶଶୁରଙ୍କ ଗଳାକାଟି ହତ୍ୟା ଘଟଣା: ଫେରାର ଅଭିଯୁକ୍ତ ଗିରଫ

**ବାରିପଦା ଅଫିସ,୧୨।୧୨:** ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ଖୁଣ୍ଟାପୁର ଗ୍ରାମରେ ଶଶୁରଙ୍କ ଗଳାକାଟି ହତ୍ୟା ଘଟଣାରେ ଫେରାର ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି । ଅଭିଯୁକ୍ତ ହେଲେ ଲବ ସିଂ। ତାଙ୍କୁ ବାଲେଶ୍ୱର ଜିଲା ନୀଳଗିରି ଅଞ୍ଚଳରୁ ଶୁକ୍ରବାର ବିଳମ୍ବିତ ରାତିରେ ଗିରଫ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଉଲ୍ଲେଖଯୋଗ୍ୟ ଯେ, ବେତନଟୀ ଥାନା କ୍ଷୀରିପଦା ଗ୍ରାମର ଶଶୁର ରମେଶ ସିଂଙ୍କ ବେକକୁ ଗତ ୭ ତାରିଖରେ ଏକ ଦାଆରେ କାଟି ଜ୍ୱାଇଁ ରାଜୁ ସିଂ ଓ ତାଙ୍କ ଭାଇ ଲବ ସିଂ ହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ପୂର୍ବରୁ ରାଜୁଙ୍କୁ ପୋଲିସ ଗିରଫ କରିଥିବା ବେଳେ ଲବ ଫେରାର ଥିଲେ। ଶନିବାର ଲବଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ଦୁର୍ଘଟଣାରେ ଜଣେ ଗୁରୁତର

**ବାଲିଆପାଳ,୧୨।୧୨(ସ୍ୱ.ପ୍ର.):** ବାଲେଶ୍ୱର ଜିଲା ବାଲିଆପାଳ ବସ୍ତା ମୁଖ୍ୟ ରାସ୍ତାରେ କିଛିଦିନ ହେବ ସଡ଼କ ଦୁର୍ଘଟଣା ଲାଗି ରହିଛି। ଶନିବାର ପୂର୍ବାହ୍ନରେ ବାଲିଆପାଳ ଥାନା ଅନ୍ତର୍ଗତ ଖାଳମୁହାଣି ଚଟାଣରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଜଣେ ଗୁରୁତର ହୋଇଛନ୍ତି। ଆହତ ଜଣଙ୍କ ହେଲେ ସିଂଲା ଥାନା ଅଧୀନ ପାଣିସୁଳିଆ ଗ୍ରାମର ରାମେଶ୍ୱର ସାହୁ। ସୂଚନା ଅନୁସାରେ, ବାଲିଆପାଳ ବସ୍ତା ମୁଖ୍ୟରାସ୍ତାରେ ଖାଳମୁହାଣି ଚଟାଣରେ ଡମ୍ଫର ଓ ବାଇକ୍ ମୁହାଁମୁହିଁ ଧକ୍କା ହେବା ଫଳରେ ବାଇକ୍ ଚାଳକ ରାମେଶ୍ୱର ରାସ୍ତା ଉପରକୁ ଛିଟିକି ପଡ଼ିଥିଲେ। ଏଥିରେ ତାଙ୍କ ହେଲମେଟ ଭାଙ୍ଗି ଖଣ୍ଡ ଖଣ୍ଡ ହୋଇଯିବାରୁ ମୁଣ୍ଡରେ ଶକ୍ତ ଆଘାତ ଲାଗିଛି। ଘଟଣାସ୍ଥଳରେ ବିଲରେ କାମ କରୁଥିବା କେତେଜଣ ଚାଷୀ ଓ ରାସ୍ତାରେ ଯାତାୟାତ କରୁଥିବା ଲୋକେ ତାଙ୍କୁ ପ୍ରଥମେ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ସ୍ୱାସ୍ଥ୍ୟାବସ୍ଥା ଅଧିକ ଗୁରୁତର ହେବାରୁ ତାଙ୍କୁ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ବାଲିଆପାଳ ପୋଲିସ ଦୁର୍ଘଟଣା ସ୍ଥଳରେ ପହଞ୍ଚି ଡମ୍ଫର ଓ ବାଇକ୍‌କୁ ଜବତ କରି ତଦନ୍ତ ଜାରି ରଖିଛି।

# ସମାଧାନ ହେଲା ଶ୍ରମିକ ବିବାଦ

**ବାଲେଶ୍ୱର ଅଫିସ,୧୨।୧୨**


ବିର୍ଲା ଟାୟାର୍ସ ଶ୍ରମିକମାନଙ୍କୁ ନେଇ ଆୟୋଜିତ ବୈଠକ।

ବାଲେଶ୍ୱର ଜିଲା ବାମପଦାସ୍ଥିତ ବିର୍ଲା ଟାୟାର୍ସରେ ଶ୍ରମିକ ଅଶାନ୍ତି ନେଇ ଦୀର୍ଘଦିନ ଧରି ଲାଗି ରହିଥିବା ବିବାଦ ଏବେ ସମାଧାନ ହେବାରେ ଲାଗିଛି। ଶ୍ରମିକ ଏବଂ କର୍ତ୍ତୃପକ୍ଷଙ୍କ ମଧ୍ୟରେ ବାରମ୍ବାର ଆଲୋଚନା ଜାରି ରହିଛି। ଆଗକୁ କାରଖାନାକୁ ସୂଚାରୁରୂପେ ପରିଚାଳନା ପାଇଁ କର୍ତ୍ତୃପକ୍ଷ ଓ ଶ୍ରମିକଙ୍କ ମିଳିତ ପ୍ରୟାସ ଜାରି ରହିବ। ଏ ନେଇ ଷ୍ଟେଶନ ଛକସ୍ଥିତ ହିନ୍ଦ୍ ମଜଦୁର ସଭା କାର୍ଯ୍ୟାଳୟଠାରେ ଶନିବାର ବିର୍ଲା ଟାୟାର୍ସ ଶ୍ରମିକମାନଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଥିଲା। ଅରୁଣ କୁମାର ସ୍ୱାଇଁ ବୈଠକରେ ସଭାପତିତ୍ୱ କରି କାରଖାନାର ସମସ୍ୟାଗୁଡ଼ିକୁ ଶ୍ରମିକ ଓ କର୍ତ୍ତୃପକ୍ଷ ମିଳିତ ଭାବେ ସମାଧାନ ପାଇଁ ପ୍ରୟାସ ଜାରି ରଖିବେ ବୋଲି ପ୍ରକାଶ କରିଛନ୍ତି।

ଉତ୍ତରଓଡ଼ିଶାର ସର୍ବବୃହତ୍ ବିର୍ଲା ଟାୟାର୍ସ ଦୀର୍ଘ ୩ ବର୍ଷ ଧରି ବହୁ ଅସୁବିଧା ମଧ୍ୟ ଦେଇ ଗତି କରୁଥିବା ସମୟରେ ଶ୍ରମିକମାନେ ଅସୁବିଧାରେ ରହି ମଧ୍ୟ ଶିଳ୍ପକୁ ବଞ୍ଚାଇ ଆସୁଛନ୍ତି। ଏହାର ଜ୍ୱଳନ୍ତ ଉଦାହରଣ ଗତ ୨/୩ ଦିନ ଧରି ପୁଣି ବିର୍ଲା ଟାୟାର୍ସକୁ କାର୍ଯ୍ୟକ୍ଷମ କରିବା ପାଇଁ ଉଦ୍ୟମ କରାଯାଇଛି। କାରଖାନାର କର୍ତ୍ତୃପକ୍ଷ, ସମସ୍ତ ଶ୍ରମିକ ସଙ୍ଗଠନ ଓ ଆଞ୍ଚଳିକ ଯୁବକମାନଙ୍କର ସହଯୋଗ କ୍ରମେ ପୁଣି କାରଖାନା କାର୍ଯ୍ୟ ସ୍ୱାଭାବିକ ହୋଇପାରିଛି। ଗତ ଆଲୋଚନାରେ କାରଖାନାର କର୍ତ୍ତୃପକ୍ଷ ୧୫ ଦିନର ଦରମା ଦେଇସାରିଛନ୍ତି ଓ ଆଉ ୧୫ ଦିନର ଦରମା ଡିସେମ୍ବର ୨୪ରେ ଦେବେ ବୋଲି ଲିଖିତ ଆକାରରେ ଦେଇଛନ୍ତି। କର୍ତ୍ତୃପକ୍ଷ କହିଛନ୍ତି ଯେ, ଆଗାମୀ ଦିନରେ ଠିକ୍ ଭାବେ କାରଖାନା ଚାଲିବ। ଶ୍ରମିକମାନଙ୍କର ସହଯୋଗରେ କାରଖାନା ପୂର୍ବ ଅବସ୍ଥାକୁ ଫେରାଇ ଆଣିବାକୁ ସ୍ୱାଇଁ କାରଖାନାର ସମସ୍ତ ଶ୍ରମିକଙ୍କୁ ଧନ୍ୟବାଦ ଦେଇଛନ୍ତି। ବିର୍ଲା ଟାୟାର୍ସର ଶ୍ରମିକ ଏସ୍.କେ ମଇଉଦ୍ଦିନ୍, ବିରଞ୍ଚି ପ୍ରଧାନ, ଦାମୋଦର ମାସନ୍ତ, ସୀତାରାମ ବର୍ଦ୍ଧ, ସୀତାନାଥ ଦାସ, କମଳା ନାୟକ, ଅନିଲ ଦାସ, ଅବନ୍ତୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# କେନାଲରେ ପଡ଼ି ହରିଣ ମୃତ


ଉଦ୍ଧାର କରାଯାଇଥିବା ମୃତ ହରିଣ ।

**ବାରିପଦା ଅଫିସ,୧୨।୧୨**

ମୟୂରଭଞ୍ଜ ଜିଲା ଶୁଳିଆପଦା ବ୍ଲକ ଦେଉଳି ରେଞ୍ଜ ଅଧୀନ ବଡ଼ଶୋଳ ଗ୍ରାମରେ ଥିବା ସୁବର୍ଣ୍ଣରେଖା କେନାଲରୁ ଶନିବାର ଏକ ହରିଣର ମୃତଦେହକୁ ବନ ବିଭାଗ ଉଦ୍ଧାର କରିଛି। ହରିଣଟି ପଶ୍ଚିମବଙ୍ଗ ତପୋବନ ଜଙ୍ଗଲରୁ ଖସି ଆସି ବାଟବଣା ହୋଇ କେନାଲ ପାଣିରେ ବୁଡ଼ି ମୃତ୍ୟୁବରଣ କରିଥିବା ବନ ବିଭାଗ କହିଛି। ଏସସିଏଫ ବି.କେ. ବାରିକଙ୍କ ନେତୃତ୍ୱରେ କର୍ମଚାରୀମାନେ ପହଞ୍ଚି ହରିଣକୁ ଉଦ୍ଧାର କରିଥିଲେ। ବାଙ୍ଗିରିପୋଷି ପ୍ରାଣୀଚିକିତ୍ସା କେନ୍ଦ୍ରରେ ହରିଣ ମୃତଦେହ ବ୍ୟବଚ୍ଛେଦ କରାଯାଇଥିଲ। ମୃତ ହରିଣର ବୟସ ୩ରୁ ୪ବର୍ଷ ହୋଇଥିବା ବେଳେ ଓଜନ ୫୦କି.ଗ୍ରା ହେବ ବୋଲି ରେଞ୍ଜର ରବୀନ୍ଦ୍ର ମହାନ୍ତି ସୂଚନା ଦେଇଛନ୍ତି ।

# ୬ଟି ଉଚ୍ଚ ବିଦ୍ୟାଳୟକୁ ଯୁକ୍ତ ଦୁଇ ବିଜ୍ଞାନ କଲେଜ କରାଯାଉ

**କେନ୍ଦୁଝର, ୧୨।୧୨ (ସ୍ୱ.ପ୍ର)**

ଆଦିବାସୀ ଅଧ୍ୟୁଷିତ କେନ୍ଦୁଝର ଜିଲାରେ ୬ଟି ଉଚ୍ଚ ବିଦ୍ୟାଳୟକୁ ଉନ୍ନୀତ କରି ଯୁକ୍ତ ଦୁଇ ବିଜ୍ଞାନ ଶ୍ରେଣୀ ଖୋଲିବା ପାଇଁ କେନ୍ଦୁଝର ସଦର ବିଧାୟକ ମୋହନ ଚରଣ ମାଝୀ ଦାବି କରିଛନ୍ତି। ଗତ ଶୁକ୍ରବାର ବିଧାନସଭା ସଚିବାଳୟର ୫୪ ନମ୍ବର ପ୍ରକୋଷ୍ଠରେ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସେ ଏହି ଦାବି ଉପସ୍ଥାପନ କରିଥିଲେ। ଓଡ଼ିଶାରେ ବର୍ତ୍ତମାନ ୪୭ଟି ଉଚ୍ଚ ବିଦ୍ୟାଳୟରେ ଯୁକ୍ତ ଦୁଇ ବିଜ୍ଞାନ ଶ୍ରେଣୀ ଚାଲୁଥିବାବେଳେ କେନ୍ଦୁଝର ଭଳି ଆଦିବାସୀ ଅଧ୍ୟୁଷିତ ଜିଲାରେ ମାତ୍ର ଦୁଇଟି ଉଚ୍ଚ ବିଦ୍ୟାଳୟରେ ଯୁକ୍ତ ଦୁଇ ବିଜ୍ଞାନ ଶ୍ରେଣୀ ଖୋଲିଥିବା ଘୋର ପରିତାପର ବିଷୟ ବୋଲି କହିଥିଲେ। ଆବଶ୍ୟକ ପଡିଲେ ଆଦିବାସୀ ମାନଙ୍କ ଉନ୍ନତି ପାଇଁ ରାଜ୍ୟ ସରକାର କେନ୍ଦ୍ରଠାରେ ଦାବି ରଖନ୍ତୁ ଏବଂ କମିଟି ମଧ୍ୟ କେନ୍ଦ୍ର ନିକଟରେ ଦାବି ଉପସ୍ଥାପନ କରିବ ବୋଲି ସେ କହିଥିଲେ। ଓଡିଶାରେ କୌଣସି ଭାଷାର ୮୦% ଲୋକ ବାସ କରୁଥିବା ସ୍ଥାନରେ ବହୁଭାଷୀ ଶିକ୍ଷକ ନିଯୁକ୍ତି ଦିଆଯାଇଛି। କେନ୍ଦୁଝର ଜିଲାରେ ଥିବା ୧୯୪ଟି ବହୁଭାଷୀ ବିଦ୍ୟାଳୟରେ କାର୍ଯ୍ୟ କରୁଥିବା ୩୧୪ ଜଣ ଶିକ୍ଷକ ଶିକ୍ଷୟିତ୍ରୀମାନେ ବହୁ ବର୍ଷ ହେଲା କାର୍ଯ୍ୟ କରି ମାତ୍ର ମାସିକ ୯୨୦୦ ଟଙ୍କା ପାଉଥିଲେ ମଧ୍ୟ ସେମାନଙ୍କ ପାରିଶ୍ରମିକ ବୃଦ୍ଧି ନ କରିବା ଯୋଗୁଁ ସେମାନଙ୍କ ଜୀବନ ଦୁର୍ବିସହ ହୋଇ ପଡିବା କଥା ମଧ୍ୟ ପ୍ରକାଶ କରିଥିଲେ। ଏହି ଶିକ୍ଷକମାନଙ୍କ ଦରମା ବୃଦ୍ଧି କରିବାକୁ ସେ ଦାବି ଉପସ୍ଥାପନ କରିଥିବା କହିଛନ୍ତି । ଏହି ବୈଠକରେ ଅନ୍ୟାନ୍ୟ ସଦସ୍ୟ ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା, ପିତମ ପାଢୀ, ଚକ୍ରମଣି କହଁର, ମକରନ୍ଦ ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ।

# କିରୋସିନ ବୋଝେଇ ଗାଡ଼ି ଜବତ

**କପ୍ତିପଦା,୧୨।୧୨(ଡି.ଏନ୍.ଏ.)**

ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ୍ ଲାବଣ୍ୟଦେଈପୁର ପଞ୍ଚାୟତ କଟୁରିଆ ହାଟସାହି ନିକଟରେ ଶୁକ୍ରବାର ବିଳମ୍ବିତ ରାତିରେ ଚାଲାଣବେଳେ କିରୋସିନ ବୋଝେଇ ଏକ ଗାଡ଼ି ଜବତ ହୋଇଛି। ଗ୍ରାମବାସୀମାନେ ଏହି ଗାଡ଼ିକୁ ଅଟକ ରଖି ପ୍ରଥମେ ଶରତ ଥାନା ଓ ପରେ ଯୋଗାଣ ବିଭାଗକୁ ଜଣାଇଥିଲେ। ମାତ୍ର ଯୋଗାଣ ବିଭାଗର କୌଣସି ଅଧିକାରୀ ନ ପହଞ୍ଚିବାରୁ ଶନିବାର ସକାଳୁ ଗ୍ରାମବାସୀ ଶରତ-ଉଦଳା ମୁଖ୍ୟରାସ୍ତାକୁ ଅବରୋଧ କରିବା ସହିତ ଧାରଣାରେ ବସିଥିଲେ। ପୂର୍ବାହ୍ନ ୯ଟାରେ ଶରତ ଥାନାର କର୍ମଚାରୀ ଓ ଯୋଗାଣ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ସହିତ ଦୋଷୀଙ୍କ ବିରୋଧ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

# ତହସିଲଦାର ସମ୍ବର୍ଦ୍ଧିତ

**ପଦ୍ମପୁର,୧୨।୧୨(ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ତହସିଲଦାର ସୌମ୍ୟଶ୍ରୀ ପାଣିଗ୍ରାହୀଙ୍କୁ କୋଭିଡ୍ ସମୟରେ ପ୍ରଶାସନିକ ଦାୟିତ୍ୱ ପରିଚାଳନା ଓ ମାନବୀୟ କାର୍ଯ୍ୟ ପାଇଁ ଅନ୍ତର୍ଜାତୀୟ ମାନବାଧିକାର ସଙ୍ଗଠନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଅନ୍ତର୍ଜାତୀୟ ମାନବାଧିକାର କମିଶନ ଓଡ଼ିଶା ବୋର୍ଡ଼ର ସମ୍ପାଦକ ହେମନ୍ତ ପୁହାଣଙ୍କୁ ହ୍ୟୁମାନ ରାଇଟ୍ସ ଏକ୍ସିଲେନ୍ସ ଆୱାର୍ଡ଼ରେ ସମ୍ମାନିତ କରାଯାଇଛି। ପଶ୍ଚିମବଙ୍ଗ ଖଡ଼ଗପୁରଠାରେ ଉତ୍ସବରେ ହେମନ୍ତ ସମ୍ବର୍ଦ୍ଧିତ ହେବା ସହ ତହସିଲଦାରଙ୍କ ସମ୍ବର୍ଦ୍ଧନାପତ୍ର ଗ୍ରହଣ କରିଥିଲେ। ଶନିବାର ତହସିଲ ଡାକବଙ୍ଗଳାଠାରେ ହସ୍ତାନ୍ତର କରିଛନ୍ତି।





S.C.S. COLLEGE (AUTONOMOUS), PURI

CAD-892

ADMISSION NOTICE FOR VACANT SEATS : 2020-21

Applications are invited for admission into the following Self-Financing Courses offered under Utkal University for the session 2020-21 (PPP).

| Course | Annual Fee | Eligibility |
| --- | --- | --- |
| 3-Yr. BBA Bachelor of Business Administration | ₹ 15,000/- | Minimum 40% in +2 or equivalent in any stream |
| MBA Master of Business Administration | ₹ 45,000/- | ODISHA JEE 2020 Qualified |

Scholarship : Available for eligible SC, ST, OBC & Minority Category.

The Application Form for BBA can be obtained from the college on all working days between 11 AM -3 PM on payment of Rs. 100/- and the form duly filled in all respect should reach the Principal on or before 21.12.2020.

OIPR-11021/11/0004/2021 PRINCIPAL

7873692880, 9439616026, 9776242247, 8917663919


# ମହିଳା ସମିତିର ବିକ୍ଷୋଭ



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ମହିଳା ସମିତି କର୍ମକର୍ତ୍ତା।

**ଭଦ୍ରକ ଅଫିସ,୧୨।୧୨**

ନୂତନ କୃଷି ଆଇନକୁ ବିରୋଧ ସହିତ ସରକାର ଦରଦାମ୍ ନିୟନ୍ତ୍ରଣରେ ବିଫଳ ହେବା, ଚାଷୀଙ୍କ ଉତ୍ପାଦିତ ଦ୍ରବ୍ୟକୁ ବଡ଼ ବଡ଼ କର୍ପୋରେଟ ସଂସ୍ଥାକୁ ବିକ୍ରୟ କରାଯିବା ଯୋଜନାକୁ ବିରୋଧ କରି ଶନିବାର ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି ପକ୍ଷରୁ ଭଦ୍ରକ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସମିତି ପକ୍ଷରୁ ମହିଳାମାନେ ବାଲଗୋପାଳ ମନ୍ଦିର ନିକଟରୁ ଏକ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ। ସେଠାରେ ସମିତିର ଜିଲା ସଭାନେତ୍ରୀ ପ୍ରତିଭା ଜେନାଙ୍କ ଅଧ୍ୟକ୍ଷତାରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ସମ୍ପାଦିକା ମମତା ଜେନା, ସର୍ବଭାରତୀୟ ସମ୍ପାଦିକା ତାପସୀ ପ୍ରହରାଜ, ଦାମିନୀ ନାୟକ, ପ୍ରଭାତୀ ଦାସ, ସଞ୍ଜିତା ମହାପାତ୍ର, ସୁମତୀ ନାୟକ, ରୋଜାଲିନ ସାମ୍ୟବାଦୀ, ସୀତାରାଣୀ ଦାସ, ତସ୍‌ଲିମା ବିବି ପ୍ରମୁଖ ବକ୍ତବ୍ୟ ରଖିଥିଲେ।

# ଯୁବ ସଂଗଠନର ବିକାଶ ଅଭିଯାନ

**ବାହାନଗା,୧୨।୧୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଗୋପାଳପୁରଠାରେ ଥିବା ଜଗନ୍ନାଥ ସେବା ସଂଗଠନ ଓ ଜିଲା ନେହେରୁ ଯୁବ କେନ୍ଦ୍ରର ମିଳିତ ସହଯୋଗରେ ବ୍ଲକସ୍ତରୀୟ ଯୁବ ସଂଗଠନର ବିକାଶ ଅଭିଯାନ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ବ୍ଲକ ଅଧୀନ ୩୫ଟି ଯୁଥ କ୍ଲବର ସଦସ୍ୟମାନେ ଯୋଗ ଦେଇଥିଲେ। ଉଦ୍‌ଯାପନୀ ସଭାରେ ଜଗନ୍ନାଥ ସେବା ସଂସ୍ଥାର ସମ୍ପାଦକ ବିଜୟ କୁମାର ମହାପାତ୍ର ସଭାପତିତ୍ୱ କରିଥିଲେ। ଅନ୍ୟତମ ଅତିଥି ଭାବେ ନେହେରୁ ଯୁବ କେନ୍ଦ୍ରର ସ୍ୱେଚ୍ଛାସେବୀ ଦୀପକ ଦାସ, ଶିକ୍ଷକ ଭଜହରି ବାରିକ୍, ଅନୁଷ୍ଠାନର ପ୍ରକଳ୍ପ ଅଧିକାରୀ ମୁକ୍ତିକାନ୍ତ ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ ସଂସ୍ଥାର ଦୀପକ ଦାସ, ଅନିତା ରାଉତ, ସତ୍ୟସୁନ୍ଦର ମିଶ୍ର,ବସନ୍ତ ବାରିକ୍,ପ୍ରଶାନ୍ତ ମହାରଣା, ବିଶମ୍ବର ଖଟୁଆ, ସୁଧାକର ପରିଡ଼ା ଓ ତପନ ପାଣିଗ୍ରାହୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ନହଙ୍ଗ ବିଦ୍ୟାଳୟରେ ସଚେତନତା ରାଲି

**ଖଇରା, ୧୨।୧୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ନହଙ୍ଗସ୍ଥିତ ପଞ୍ଚାୟତ ସମିତି ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଜାତୀୟ ସେବା ଯୋଜନା ୟୁନିଟ୍ ତରଫରୁ ଶୁକ୍ରବାର କୋଭିଡ-୧୯ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷା ଅନିତାରାଣୀ ନାୟକ ଏହାକୁ ଉଦ୍‌ଘାଟନ କରିଥିଲେ। ଯୋଜନା ପରିଚାଳିକା ଜ୍ୟୋତ୍ସ୍ନାବାଳା ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଛାତ୍ରୀମାନେ ନହଙ୍ଗ ଗ୍ରାମ ପରିକ୍ରମା କରି କରୋନା ମହାମାରୀ ଓ ଦୂରେଇ ରହିବାର ଉପାୟ ଉପରେ ସ୍ଲୋଗାନ ଦେଇଥିଲେ । ପରେ କଲେଜ ପରିସରରେ ଆୟୋଜିତ ସଭାରେ ଅଧ୍ୟାପିକା ମମତାମୟୀ ପଣ୍ଡା, ଖେଳ ଶିକ୍ଷୟିତ୍ରୀ ଗାୟତ୍ରୀ ଦାସ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ବୀଣାପାଣି ବେହେରା ତଥା ସମସ୍ତ କର୍ମଚାରୀ ଏକ ଦିବସୀୟ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ବେଆଇନ ବାଲି ଚାଲାଣ: ଜଣେ ଗିରଫ

**ଦୋବଲ,୧୨।୧୨(ଡି.ଏନ.ଏ.)**

ଭଦ୍ରକ ଜିଲା ଧୂଷୁରୀ ଥାନା ପୋଲିସ ବେଆଇନ ବାଲି ଚାଲାଣ ଅଭିଯୋଗରେ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଯୁବକଙ୍କ ନାଁ ଦିଲୀପ ସାହୁ। ସୂଚନା ଅନୁଯାୟୀ, ଧାମନଗର ବ୍ଲକ ଅର୍ଜୁନପୁର ପଞ୍ଚାୟତ ବାଲିପାଟଣା ଗ୍ରାମ ନିକଟ ମହାଦେବ ମନ୍ଦିର ପାଖରେ ବୈତରଣୀ ନଦୀରୁ ବେଆଇନ ବାଲି ଚାଲାଣ ହେଉଥିଲା। ଖବର ପାଇ ଶନିବାର ସକାଳେ ଧାମନଗର ତହସିଲଦାର ରାଧାକାନ୍ତ ବାରିକ ଓ ୪ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ସେଠାରେ ଥିବା ୬ଟି ଟ୍ରାକ୍ଟରକୁ ଅଟକାଇଥିଲେ। ସେଠାରେ ଉପସ୍ଥିତ ଥିବା ଦିଲୀପ ତହସିଲଦାରଙ୍କ ସମେତ ଅନ୍ୟ କର୍ମଚାରୀଙ୍କୁ ଆକ୍ରମଣ କରିଥିଲେ।

# ଫାଇନାଲ୍‌ରେ ପାରାମାଉଣ୍ଟ

**ସୋର, ୧୨।୧୨(ଡି.ଏନ୍.ଏ.)**

ବାଲେଶ୍ୱର ଜିଲା ସୋର ବ୍ଲକ ମହୁମୁହାଣ ବାବାମୁକ୍ତେଶ୍ୱର କ୍ଲବ ଆନୁକୂଲ୍ୟରେ ଗୁଠୁଣୀ ମୁନିପଡ଼ିଆଠାରେ ଅନୁଷ୍ଠିତ ଆନ୍ତଃରାଜ୍ୟ କ୍ରିକେଟ୍ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲରେ ୟୁ ଆଣ୍ଡ ମି ବାଲେଶ୍ୱରକୁ ହରାଇ ପାରାମାଉଣ୍ଟ ଭୁବନେଶ୍ୱର ସେମିଫାଇନାଲ୍‌କୁ ପ୍ରବେଶ କରିଛି। ପାରାମାଉଣ୍ଟ ଟସ୍ ଜିଣି ପ୍ରଥମେ ବୋଲିଂ କରିବାର ନିଷ୍ପତ୍ତି ନେଇଥିଲା। ୟୁ ଆଣ୍ଡ ମି ନିର୍ଦ୍ଧାରିତ ୨୫ ଓଭରରେ ୮ ଉଇକେଟ ହରାଇ ୨୫୦ ରନ୍ ସଂଗ୍ରହ କରିଥିଲା। ଦଳ ତରଫରୁ ସବ୍ୟସାଚୀ ଆଚାର୍ଯ୍ୟ ଧୂଆଁଧାର ବ୍ୟାଟିଂ କରି ୫୭ଟି ବଲ୍‌ରୁ ୧୦୪ ରନ୍ ସଂଗ୍ରହ କରିଥିଲେ। ଏହାର ଜବାବରେ ପାରାମାଉଣ୍ଟ ୨୩.୫ ଓଭରରେ ୫ ଉଇକେଟ୍ ହରାଇ ୨୫୨ ରନ୍ କରି ରୋମାଞ୍ଚକର ବିଜୟହାସଲ କରି ଫାଇନାଲରେ ପ୍ରବେଶ କରିଛି। ବିଜୟୀ ଟିମ୍‌ର ଶକ୍ତି ସ୍ୱରୂପ ଦାସ ୨୭ ବଲରେ ୪୭ ରନ୍‌କରିବା ସହିତ ୫ ଓଭର ବୋଲିଂ କରି ୩୫ ରନ୍ ଦେଇ ୨ ଟି ଉଇକେଟ୍ ହାସଲ କରିଥିବାରୁ ଆଜିର ଖେଳରେ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା। ଏହି ଖେଳକୁ ବିସିଏ ଆମ୍ପାୟର ପ୍ରତାପ ଚନ୍ଦ୍ର ପାତ୍ର ଓ ଶାନ୍ତନୁ ଦାସ ପରିଚାଳନା କରିଥିଲେ। ସ୍କୋରର ଭାବେ ଗୋପୀନାଥ ପ୍ରଧାନ, ବାସ୍ତବ ଜେନା, ଶ୍ରୀକାନ୍ତ ସାହୁ ଓ ଭାଷ୍ୟକାର ଭାବେ ବିଜୟ ଜେନା କାର୍ଯ୍ୟ ତୁଲାଇଥିଲେ। ଏହାକୁ ବାବା ମୁକ୍ତେଶ୍ୱର କ୍ଲବର ସଭାପତି ଭ୍ରମରବର ନାୟକ, ଯଦୁନାଥ ନାୟକ ଏବଂ କୈଳାସ ଚନ୍ଦ୍ର ପ୍ରଧାନ ପରିଚାଳନା କରିଥିଲେ।










## ୩ ଚୋରାମଦ ବେପାରୀ ଗିରଫ

ପଦ୍ମପୁର, (ଡି.ଏନ.ଏ.): ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଞ୍ଚଳରୁ ୩ ଚୋରାମଦ ବେପାରୀଙ୍କୁ ଅବକାରୀ ବିଭାଗ ଗିରଫ କରିବା ସହ ୫୫ ଲିଟର ମଦ ଜବତ କରିଛି। ଜିଲା ଅବକାରୀ ବିଭାଗ ପକ୍ଷରୁ ଏହି ଚଢ଼ାଉ କରାଯାଇଥିଲା। ଆର୍ତ୍ତୁ ଗ୍ରାମର ବିଦ୍ୟାଧର ପଣ୍ଡା, ବାରାପୁରର ପ୍ରକାଶ ବେହେରା ଓ ସୁଦର୍ଶନପୁର ଗ୍ରାମର ସୁଜିତ ମୁଦୁଲିଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଏ ନେଇ ମାମଲା ରୁଜୁ ହୋଇଛି।



## ସଂକ୍ଷେପରେ

### ମନ୍ଦିରରୁ ଲକ୍ଷାଧିକ ଟଙ୍କାର ଅଳଙ୍କାର ଚୋରି

**ଭୋଗରାଇ,୧୨।୧୨(ଡି.ଏନ.ଏ.):** ବାଲେଶ୍ୱର ଜିଲା ଭୋଗରାଇ ଥାନା ଅଧୀନ ରସିଦପୁରସ୍ଥିତ ପ୍ରସିଦ୍ଧ କୃପାକ୍ଷେତ୍ର ନାମିତ ଶ୍ରୀଜଗନ୍ନାଥ ମନ୍ଦିର ପାର୍ଶ୍ୱସ୍ଥ ମା' ଲକ୍ଷ୍ମୀ ଓ ସୂର୍ଯ୍ୟଦେବତାଙ୍କ ମନ୍ଦିରରୁ ଲକ୍ଷାଧିକ ଟଙ୍କା ସୁନା ଅଳଙ୍କାର ଚୋରି ହୋଇଛି। ଶୁକ୍ରବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ମନ୍ଦିର କବାଟ ଓ ଗ୍ରୀଲ୍ ଭାଙ୍ଗି ସମସ୍ତ ସୁନାଗହଣା ଲୁଟି ନେଇଛନ୍ତି। ସୂର୍ଯ୍ୟଦେବତାଙ୍କ ଦାନବାକ୍ସରୁ ମଧ୍ୟ ନଗଦ ଟଙ୍କା ଚୋରି ହୋଇଛି। ହେଲେ ଶ୍ରୀଜଗନ୍ନାଥଙ୍କ ମନ୍ଦିରରେ ଦୁର୍ବୃତ୍ତମାନେ ପଶିପାରି ନ ଥିଲେ। ମା' ଲକ୍ଷ୍ମୀଙ୍କର ୧ କୁଇଣ୍ଟାଲ ୩୦ କେ.ଜି ଓଜନ ବିଶିଷ୍ଟ ପିତ୍ତଳ ମୂର୍ତ୍ତି ନେବା ପାଇଁ ଦୁର୍ବୃତ୍ତମାନେ ଚେଷ୍ଟା କରି ବିଫଳ ହୋଇଥିବା ସୂଚନା ମିଳିଛି। ଶନିବାର ସନ୍ଧାନୀ କୁକୁର ଆସି ତଲାସୀ କରିଥିବା ବେଳେ ଦୁର୍ବୃତ୍ତଙ୍କ ସୁରାକ ମିଳିପାରିନାହିଁ। ଭୋଗରାଇ ଥାନା ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

### ବାଇକ୍ ଧକ୍କାରେ ମହିଳାଙ୍କ ଜୀବନ ଗଲା

**ତେଲକୋଇ, ୧୨/୧୨ (ଡି.ଏନ.ଏ.):** କେନ୍ଦୁଝର ଜିଲା ତେଲକୋଇ ବ୍ଲକ ମୁଖ୍ୟାଳୟର ଦେଉଳଡିହା ଗ୍ରାମରେ ଶୁକ୍ରବାର ସନ୍ଧ୍ୟାରେ ଏକ ବାଇକ ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପେଚି ବିନ୍ଧାଣୀ (୫୫)। ତାଙ୍କୁ ଗ୍ରାମବାସୀ ତେଲକୋଇ ଆଣିଥିବା ବେଳେ ଡାକ୍ତର ଅଭାବ ଯୋଗୁ ବ୍ୟବଚ୍ଛେଦ ପାଇଁ ଶନିବାର କେନ୍ଦୁଝର ପଠାଯାଇଛି। ଏନେଇ ପୋଲିସ ଏକ ମାମଲା (ନଂ.୧୫୨/୨୦) ରୁଜୁ କରି ସମ୍ପୃକ୍ତ ବାଇକ ଚାଳକଙ୍କୁ ଧରିବା ପାଇଁ ତଦନ୍ତ ଜାରି ରଖିଛି।

### ଯୁବକଙ୍କ ଆତ୍ମହତ୍ୟା

**ମୋରଡ଼ା,୧୨।୧୨(ଡି.ଏନ୍.ଏ.):** ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ଅଧୀନ ଉଫାଲଗଡ଼ିଆ ଗ୍ରାମର ଜଣେ ଯୁବକ ବିଷ ପିଇ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ କୂଅର ସୋରେନ। ଗତ ୫ ତାରିଖରେ ସେ ଆତ୍ମହତ୍ୟା ଉଦ୍ୟମ କରି ପିଆର୍ଏମ୍ ମେଡିକାଲରେ ଚିକିତ୍ସାଧୀନ ଥିଲେ। ଶନିବାର ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୪୬/୨୦) ରୁଜୁ କରିଛି।

### ଚିକିତ୍ସାଧୀନ ଅବସ୍ଥାରେ ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କ ମୃତ୍ୟୁ

**ପାଟଣା,୧୨।୧୨(ସ୍ୱ.ପ୍ର.):** କେନ୍ଦୁଝର ଜିଲା ପାଟଣା ଥାନା ଗୋଜି ଟାଙ୍ଗିରି ରାସ୍ତାରେ ଗତଗୁରୁବାର ସଡକ ଦୁର୍ଘଟଣାରେ ଜଣେ ବ୍ୟକ୍ତି ଗୁରୁତର ହୋଇ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିଲେ। ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ମୃତ୍ୟୁ ଘଟିଛି। ମୃତକ ହେଲେ ମୟୂରଭଞ୍ଜ ଜିଲା ବିଶୋଇ ଥାନା ବନେଇକଳା ଗ୍ରାମର ମନୋରଞ୍ଜନ ସେଠୀ(୪୫)। ଶନିବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

### ହୃଦ୍‌ଘାତରେ ବିଦ୍ୟୁତ୍ କର୍ମଚାରୀ ମୃତ

**ଡେଙ୍କିକୋଟ, ୧୨।୧୨(ଡି.ଏନ.ଏ.):** କେନ୍ଦୁଝର ଜିଲା ଡେଙ୍କିକୋଟ ଫାଣ୍ଡି ଅନ୍ତର୍ଗତ ତୋରାଣୀପୋଖରୀ ପଞ୍ଚାୟତ ଗ୍ରାମର ଲକ୍ଷ୍ମୀଧର ଗାଗରାଇ (୫୫)ଙ୍କ ଗତ ଶୁକ୍ରବାର ହୃଦଘାତ ଜନିତ ମୃତ୍ୟୁ ଘଟିଛି। ସେ ଜଣେ ବିଦ୍ୟୁତ କର୍ମଚାରୀ ଥିଲେ। ଶୁକ୍ରବାର ଅପରାହ୍ନରେ ନିଜ ସ୍କର୍ପିଓ ଗାଡି ଚଳାଇ ଘରକୁ ଆସୁଥିବା ବେଳେ ବାଟରେ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ପାଖରେ ଥିବା ତାଙ୍କ ପୁଅ ନିଜେ ଗାଡି ଚଳାଇ କେନ୍ଦୁଝର ଡାକ୍ତରଖାନାକୁ ନେଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଡେଙ୍କିକୋଟ ପୋଲିସ ପହଞ୍ଚି ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା (ନଂ-୫୧/୨୦) ରୁଜୁ କରିଛି।

### ଦୁର୍ଘଟଣାରେ ମହିଳାଙ୍କ ମୃତ୍ୟୁ

**ବାରିପଦା ଅଫିସ,୧୨।୧୨:** ମୟୂରଭଞ୍ଜ ଜିଲା ବେତନଟୀ ଥାନା ଅଧୀନ ନହଣ୍ଡାଶୋଳଠାରେ ହୋଇଥିବା ଦୁର୍ଘଟଣାରେ ଗୁରୁତର ମହିଳାଙ୍କ ଚିକିତ୍ସାଧିନ ଅବସ୍ଥାରେ ଶୁକ୍ରବାର ବିଳମ୍ବିତ ରାତିରେ ମୃତ୍ୟୁ ଘଟିଛି। ସେ ହେଲେ ମୋରଡ଼ା ଥାନା ଅଧୀନ ମାସାର୍ଦ୍ଦା ଗ୍ରାମର ସୁଲୋଚନା ମହାନ୍ତା। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୨୭୩/୨୦) ରୁଜୁ କରିଛି। ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ଧରିବା ପାଇଁ ପୋଲିସ ଉଦ୍ୟମ ଜାରି ରଖିଛି।

# ସଂରକ୍ଷିତ ଜଙ୍ଗଲରୁ ଲୁଟ ହେଉଛି ଲଘୁ ଖଣିଜ ଦ୍ରବ୍ୟ

**ବାରିପଦା ଅଫିସ,୧୨।୧୨**



ଖଇରବଣୀ ସଂରକ୍ଷିତ ଜଙ୍ଗଲରୁ ମୋରମ ଖୋଳି ନିଆଯାଇଛି।।

ମୟୂରଭଞ୍ଜ ଜିଲା ବେତନଟୀ ରେଞ୍ଜ ଅଧୀନ ସଂରକ୍ଷିତ ଜଙ୍ଗଲ ଅଞ୍ଚଳରୁ ବିଳମ୍ବିତ ରାତିରେ ମାଫିଆମାନେ ଲଘୁ ଖଣିଜଦ୍ରବ୍ୟ ଲୁଟ୍‌କରୁଛନ୍ତି। ଏନେଇ ପ୍ରଶାସନ ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ ଜଙ୍ଗଲ ମଧ୍ୟରେ ମେସିନ ଲଗାଇ ସେମାନେ ମୋରମ ଚାଲାଣ କରିବାରେ ସକ୍ଷମ ହେଉଛନ୍ତି । ଏଭଳି ଚୋରା ଚାଲାଣକୁ ରୋକିବା ପାଇଁ ଭାଜପା ଓ କଂଗ୍ରେସ ପକ୍ଷରୁ ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଫଳରେ ମାଫିଆମାନେ ମାଲେମାଲ ହେଉଥିବା ବେଳେ ସରକାର ମୋଟା ଅଙ୍କର ରାଜସ୍ୱ ହରାଉଛନ୍ତି।

ବାଲେଶ୍ୱର ଓ ମୟୂରଭଞ୍ଜ ସୀମାନ୍ତବର୍ତ୍ତୀ ଅଞ୍ଚଳରେ ଥିବା ସଂରକ୍ଷିତ ଜଙ୍ଗଲ ଖଇରବଣି, ନୟାବସନ୍ତପୁର ଓ ଚୁଆପଦାରୁ ମୋରମ ଖନନ କରାଯାଉଛି। ଅଧିକାରୀମାନଙ୍କ ଗତିବିଧିକୁ ଲକ୍ଷ୍ୟ କରି କରି ରାତି ୧୦ଟା ପରେ ମୋରମ ଖୋଳାଯାଉଛି । ଜେସିବି ମେଶିନ ସାହାଯ୍ୟରେ ମୋରମ ଖୋଳାଯାଇ ଡମ୍ପର ଯୋଗେ ପଡ଼ୋଶୀ ଜିଲାକୁ ଚୋରାରେ ଚାଲାଣ କରାଯାଉଛି। କିଛିଦିନ ତଳେ ଅଧିକାରୀ ଓ ମାଫିଆଙ୍କ ବାର୍ତ୍ତାଳାପର ଅଡିଓ ଭାଇରାଲ ହେବା ପରେ ତତ୍କାଳୀନ ଜଣେ ତହସିଲଦାରଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଥିଲା। ଏହି ଘଟଣା ପରେ ଜିଲାପ୍ରଶାସନ ପକ୍ଷରୁ ଲଘୁଖଣିଜ ଦ୍ରବ୍ୟର ଚୋରାଚାଲାଣ ରୋକିବା ପାଇଁ ଏକ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରାଯାଇ ଚଢ଼ାଉ ଜାରି ରହିଛି। ସ୍କ୍ୱାଡ୍‌ରେ ସାମିଲ ଅଧିକାରୀମାନେ ଦିନ ବେଳା ଯାନବାହାନ ତନଖି କରି ଜରିମାନା ଆଦାୟ କରୁଥିବା ବେଳେ ରାତିହେଲେ ମାଫିଆମାନେ ସକ୍ରିୟ ହୋଇ ପଡୁଛନ୍ତି। ଏସମ୍ପର୍କରେ ବେତନଟୀ ଭାଜପା ଜିଲାପରିଷଦ ସଦସ୍ୟ ବ୍ରଜମୋହନ ବେହେରା କୁହନ୍ତି, ଭାଜପା ପକ୍ଷରୁ ପ୍ରତିବାଦ ସ୍ୱରୂପ ଥାନା ସମ୍ମୁଖରେ ଧାରଣା ପରେ ବିବାଦୀୟ ତହସିଲଦାର ନିଲମ୍ବିତ ହୋଇଥିଲେ। ଏହା ସତ୍ତ୍ୱେ ଚୋରା ଚାଲାଣରେ ଅଙ୍କୁଶ ନ ଆସିବାରୁ ଦଳ ପକ୍ଷରୁ କେନ୍ଦ୍ର ଖଣିମନ୍ତ୍ରୀଙ୍କୁ ଲିଖିତ ଭାବରେ ଅବଗତ କରାଯାଇଛି। ପୋଲିସ ପ୍ରଶାସନ, ରାଜସ୍ୱ, ବନବିଭାଗ ଓ ସ୍ୱତନ୍ତ୍ର ସ୍କ୍ୱାଡ୍ ମୋରମ ମାଫିଆଙ୍କ ଉପରେ ରୋକ୍ ଲଗାଇବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି । ଚୋରା ଚାଲାଣକୁ ରୋକିବା ପାଇଁ ଜିଲାପାଳଙ୍କୁ ବାରମ୍ବାର ଅବଗତ କରାଯାଇଥିଲେ ମଧ୍ୟ ଜିଲା ପ୍ରଶାସନ ପକ୍ଷରୁ କେବଳ ଦିନବେଳା ଚଢ଼ାଉ ଜାରି କରାଯାଉଛି ବୋଲି ସେ କହିଛନ୍ତି। ସେହିପରି ମୟୂରଭଞ୍ଜ ଜିଲା କଂଗ୍ରେସ ପ୍ରଭାରୀ ସୁଦର୍ଶନ ଦାସ କୁହନ୍ତି, ଖୋଦ୍ ରାଜସ୍ୱମନ୍ତ୍ରୀଙ୍କ ଜିଲାରୁ ଲୁଟ ଖଣିଜଦ୍ରବ୍ୟ ଆକଳନ ପୂର୍ବକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ସମସ୍ୟାକୁ ନେଇ ଦଳ ଜିଲାବାସୀଙ୍କ ପାଖକୁ ଯିବ। ଏସମ୍ପର୍କରେ ବନବିଭାଗର ବେତନଟୀ ରେଞ୍ଜର ଘନଶ୍ୟାମ ସିଂଙ୍କୁ ପଚାରିବାରୁ ବିଭାଗ ପକ୍ଷରୁ ଉଦ୍ୟମ ଜାରି ରହିଛି । ଖୁବଶୀଘ୍ର ଚଢ଼ାଉ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ଓକିଲ ସଂଘର ନିର୍ବାଚନ

# ଦିଲୀପ ସଭାପତି, ସୂର୍ଯ୍ୟକାନ୍ତ ସମ୍ପାଦକ



ଦିଲୀପ ମହାପାତ୍ର



ସୂର୍ଯ୍ୟକାନ୍ତ କୁଅଁର

**ଭଦ୍ରକ ଅଫିସ, ୧୨।୧୨**

ଭଦ୍ରକ ଓକିଲ ସଂଘର ସାଧାରଣ ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ଭାବେ ଦିଲୀପ ମହାପାତ୍ର ଓ ସମ୍ପାଦକ ଭାବେ ସୂର୍ଯ୍ୟକାନ୍ତ କୁଅଁର ନିର୍ବାଚିତ ହୋଇଛନ୍ତି। ସେହିପରି ଉପସଭାପତି ଅର୍ଚ୍ଚନାରାଣୀ ଦାସ, କୋଷାଧ୍ୟକ୍ଷ ସୁରେନ୍ଦ୍ର କର ଓ ଯୁଗ୍ମ ସମ୍ପାଦକ ଭାବେ ଗୋପବନ୍ଧୁ ଦୀକ୍ଷିତ ଚୟନ ହୋଇଛନ୍ତି। ୩ଟି କାର୍ଯ୍ୟକାରିଣୀ ସଭ୍ୟ ପଦବୀ ପାଇଁ ବିଶ୍ୱଜିତ୍ ରାଉତ, ସଞ୍ଜୟ କୁମାର ନାୟକ ଓ ସଞ୍ଜୀବ କୁମାର ମହାପାତ୍ର ନାମାଙ୍କନପତ୍ର ଦାଖଲ କରିଥିବାରୁ ସେମାନେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ପ୍ରତିବର୍ଷ ମାର୍ଚ୍ଚ ଶେଷ ଶନିବାର ନିର୍ବାଚନ ହେବା ପାଇଁ ନିର୍ଦ୍ଦେଶ ଥିବାରୁ ଚଳିତବର୍ଷ ନାମାଙ୍କନପତ୍ର ଆହ୍ୱାନ କରାଯାଇଥିଲା। ମାତ୍ର କରୋନା କଟକଣା ପାଇଁ ନିର୍ବାଚନ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯିବାକୁ ଚ୍ୟାଲେଞ୍ଜ କରି କେତେଜଣ ଆଇନଜୀବୀ ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ଏକ ରିଟ୍ ପିଟିସନ ଦାଖଲ କରିଥିଲେ। ଉକ୍ତ ନ୍ୟାୟାଳୟଙ୍କ ନିର୍ଦ୍ଦେଶ କ୍ରମେ ସମ୍ପୃକ୍ତ ସଂଘର ଏକ ଅନ୍ତରୀଣ କମିଟି ଗଠନ କରାଯାଇ କାର୍ଯ୍ୟ କରିଆସୁଥିଲା। ତେବେ କୋର୍ଟ ଚୂଡ଼ାନ୍ତ ରାୟରେ ରାଜ୍ୟ ବାର୍ କାଉନସିଲକୁ ଡିସେମ୍ବର ୧୨ ମଧ୍ୟରେ ନିର୍ବାଚନ ପ୍ରକ୍ରିୟା ସାରିବାକୁ ନିର୍ଦ୍ଦେଶ ଦେବା ପରେ ମାତ୍ର ୩ ମାସ ପାଇଁ ନିର୍ବାଚନ ହୋଇଛି। ୭୬୦ ଆଇନଜୀବୀଙ୍କ ନାମ ଭୋଟର ଲିଷ୍ଟରେ ଥିବାବେଳେ ୬୬୪ ଜଣ ଭୋଟଦାନ ପ୍ରକ୍ରିୟାରେ ଅଂଶଗ୍ରହଣ କରିଥିଲେ। ବରିଷ୍ଠ ଅଧିବକ୍ତା ସନ୍ତୋଷ ନାୟକ ନିର୍ବାଚନ ଅଧିକାରୀ ଦାୟିତ୍ୱ ତୁଲାଇଥିଲେ। ସରୋଜ ତପନ ଦାସ, ହରିହର ଧଳ, ଲଲାଟେନ୍ଦୁ ଦୀକ୍ଷିତ, ଦୀପକ କୁମାର ସାହୁ, ଅଞ୍ଜୁବାଳା ରାଉତ, ଅଜୟ ମହାନ୍ତି ପ୍ରମୁଖ ସହାୟତା କରିଥିଲେ।

# ଟୋଲ୍ ଫି' ଆଦାୟ ବନ୍ଦ କଲା କୃଷକ ସଂଘ



ଟୋଲ ପ୍ଲାଜା ନିକଟରେ ବନ୍ଦ ପାଳନ କରାଯାଉଛି।

**ଜଳେଶ୍ୱର,୧୨।୧୨(ସ୍ୱ.ପ୍ର)**

ବାଲେଶ୍ୱର ଜିଲାର ୬୦ନଂ. ଜାତୀୟ ରାଜପଥ ଜଳେଶ୍ୱର ନିକଟ ଲକ୍ଷ୍ମଣନାଥ ଟୋଲ ପ୍ଲାଜାଠାରେ ଶନିବାର ଅପରାହ୍ନରେ ୧ ଘଣ୍ଟାଧରି କୃଷକ ସଂଘର୍ଷ ସମନ୍ୱ ସମିତି ଓ ଜଳେଶ୍ୱର ସିପିଆଇଏମ୍ ପକ୍ଷରୁ ଟୋଲ ଫି' ଆଦାୟ ବନ୍ଦ କରାଯାଇଥିଲା। କେନ୍ଦ୍ର ସରକାରଙ୍କ କଳା କୃଷି ନୀତି ପ୍ରତ୍ୟାହାର, ବିଜୁଳି ବର୍ଦ୍ଧିତ ଦର ପ୍ରତ୍ୟାହାର ଦାବି ନେଇ ଟୋଲ ପ୍ଲାଜା ନିକଟରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସିପିଏମ୍ ପକ୍ଷରୁ ଦିଲ୍ଲୀପ ଗିରିଙ୍କ ନେତୃତ୍ୱରେ ଶିଶିର ହୁଇ, ସୀତାଂଶୁ ସେନାପତି, ରବୀନ୍ଦ୍ର ବାରିକ, ଜିତାଂଶୁ ସେନାପତି, ଜିତାଂଶୁ ନନ୍ଦି, ଦିପ୍ତିମାନ ଆଚାର୍ଯ୍ୟ, ଦିଲ୍ଲୀପ ପରିଡ଼ା, ପଲ୍ଟୁ ଦାସ, ବସନ୍ତ ଦାସ, ଅଧିର ହୁଇ, ନରେନ୍ ସିଂ, ନିରୋଜ ବେହେରା, ଅଜୟ ପଲେଇ ପ୍ରମୁଖ ବନ୍ଦ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଫଳରେ ୧ଘଣ୍ଟା ଧରି ଉଭୟପଟୁ ଶତାଧିକ ଗାଡ଼ି ବିନା ଟୋଲ ଫି'ରେ ଯାତାୟାତ କରିଥିଲା।

## ନୀଳଗିରି : ୨ ଓକିଲ ସଂଘ ନିର୍ବାଚନ

**ସଜନାଗଡ଼,୧୨।୧୨(ଡି.ଏନ.ଏ.)**

ସମଗ୍ର ଓଡ଼ିଶାରେ ବିଭିନ୍ନ ଓକିଲ ସଂଘର ନିର୍ବାଚନ ଶନିବାର ଦିନ ହୋଇଥିବା ବେଳେ ଅନୁରୂପ ଭାବେ ନୀଳଗିରିର ଦୁଇ ଓକିଲ ସଂଘର ନିର୍ବାଚନର ଫଳାଫଳ ପ୍ରକାଶ ପାଇଛି। ନୀଳଗିରି ସବଡିଭିଜନାଲ ବାର ଆସୋସିଏସନ ପକ୍ଷରୁ ନିର୍ବାଚନ ହୋଇଥିବା ବେଳେ ସଭାପତି ଭାବେ ଚିତ୍ତରଞ୍ଜନ ଷଡ଼ଙ୍ଗୀ ୨୧ଖଣ୍ଡ ଭୋଟ ପାଇ ନିର୍ବାଚିତ ହୋଇଛନ୍ତି ଏବଂ ସମ୍ପାଦକ ଭାବେ ଅଜୟ ପଟ୍ଟନାୟକ ୧୪ଖଣ୍ଡ ଭୋଟ ପାଇଥିବା ବେଳେ କିଶୋର କୁମାର ଦାସ ୧୪ ଖଣ୍ଡ ଭୋଟ ପାଇ ବରାବରରେ ରହିଛନ୍ତି। ଉପସଭାପତି ଭାବେ ଖଗେନ୍ଦ୍ର ଜେନା, ନୀଳିମା ବାରିକ ନିର୍ବାଚିତ ହୋଇଛନ୍ତି। ଅନୁରୂପ ଭାବେ ନୀଳଗିରି ବାର ଆସୋସିଏସନ ସଂଘର ସଭାପତି ଭାବେ ମିହିର କୁମାର ରାଉତ, ସଂପାଦକ ଭାବେ କିଶୋର ଚନ୍ଦ୍ର ଷଡ଼ଙ୍ଗୀ ନିର୍ବାଚିତ ହୋଇଛନ୍ତି।

# 'ଓଡ଼ିଶା ୱାନ୍' ସମନ୍ୱିତ ଇ-ସର୍ଭିସ୍ ପୋର୍ଟାଲରେ ବିଲ୍ ପୈଠ

**ବାଲେଶ୍ୱର ଅଫିସ,୧୨।୧୨**

ବିଦ୍ୟୁତ୍ ସେବାରେ ଆଉ ଏକ ଉପଭୋକ୍ତାକୈନ୍ଦ୍ରିକ ଗୁଣାତ୍ମକତା ଯୋଗ କରାଯାଇ ସମ୍ପ୍ରତି ଓକାକ୍ ଓ ତିନୋଟି ବିଦ୍ୟୁତ୍ ବିତରଣ ୟୁଟିଲିଟି ନେସ୍କୋ, ୱେସ୍କୋ ଏବଂ ସାଉଥ୍‌କୋ ମଧ୍ୟରେ ଭୁବନେଶ୍ୱର ଠାରେ 'ଓଡ଼ିଶା ୱାନ୍' ୱେବ୍ ପୋର୍ଟାଲ ମାଧ୍ୟମରେ ଅନ୍‌ଲାଇନ୍ ବିଦ୍ୟୁତ୍ ବିଲ୍ ପୈଠ ପାଇଁ ଏକ ଚୁକ୍ତିନାମା ଶନିବାର କାର୍ଯ୍ୟକାରୀ ହୋଇଛି। ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଗ୍ରୀଡକୋର ଅଧ୍ୟକ୍ଷ ତଥା ନେସ୍କୋ, ୱେସ୍କୋ ଏବଂ ସାଉଥ୍‌କୋ ୟୁଟିଲିଟିର ପ୍ରଶାସକ ଡ. ସୌରଭ ଗର୍ଗ ଓ ରାଜ୍ୟ ସୂଚନା ବିଜ୍ଞାନ ସଚିବ ମନୋଜ ମିଶ୍ରଙ୍କ ଉପସ୍ଥିତିରେ ଏହି ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା।

ଗ୍ରୀଡ଼କୋର ଅଧ୍ୟକ୍ଷ ଡ. ଗର୍ଗ ଏହି ସେବା ବ୍ୟବସ୍ଥା କାର୍ଯ୍ୟକାରିତା ଦିଗରେ ଓକାକ୍, ଗ୍ରୀଡକୋ (ଡିଏମ୍ୟୁ) ଏବଂ ପରିବେଷଣ ୟୁଟିଲିଟି ଗୁଡ଼ିକର ଦଳମତ ମିଳିତ ଉଦ୍ୟମର ଭୂୟସୀ ପ୍ରଶଂସା କରିଥିଲେ। ସେହିପରି ରାଜ୍ୟ ସୂଚନାବିଜ୍ଞାନ ସଚିବ ମିଶ୍ର, ଆଇଆରଏଏସ୍ 'ଓଡ଼ିଶା ୱାନ୍' ୱେବ୍ ପୋର୍ଟାଲ୍‌ରେ ବିଦ୍ୟୁତ୍ ବିଲ୍ ପୈଠ ସେବା ସହିତ ଆହୁରି ୭୫ଗୋଟି ଗ୍ରାହକ କୈନ୍ଦ୍ରିକ ଇ-ସେବା ସମନ୍ୱିତ କରାଯାଇଥିବା କଥା ଉଲ୍ଲେଖ କରିଥିଲେ। ଏହି ପୋର୍ଟାଲ ମାଧ୍ୟମରେ ବିଦ୍ୟୁତ୍ ବିଲ୍ ପୈଠ କଲେ ଉପଭୋକ୍ତାମାନେ ବିଲ୍ ଉପରେ ୨% ରିହାତି ପାଇପାରିବେ ବୋଲି ସେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ଗ୍ରୀଡକୋର ପରିଚାଳନା ନିର୍ଦ୍ଦେଶକ ତ୍ରିଲୋଚନ ପଣ୍ଡା ଯୋଗଦେଇ ଏହି ପଦକ୍ଷେପ ଉଭୟ ବିଦ୍ୟୁତ୍ ଗ୍ରାହକ ଓ ସମସ୍ତ ହିତାଧିକାରୀଙ୍କ ପାଇଁ ସକରାତ୍ମକ ପ୍ରୟାସ ସାବ୍ୟସ୍ତ ହେବ ବୋଲି କହିଥିଲେ। ଗ୍ରାମାଞ୍ଚଳ ଗ୍ରାହକମାନେ ମଧ୍ୟ ପଞ୍ଚାୟତସ୍ତରରେ ଥିବା ୯ହଜାର ଗୋଟି 'ମୋ ସେବା କେନ୍ଦ୍ର' ସହାୟତାରେ ଏହି ବିଲ୍ ପଇଠ ସେବା ପାଇପାରିବେ। କାର୍ଯ୍ୟକ୍ରମକୁ ଗ୍ରୀଡ଼କୋ ଅର୍ଥନିର୍ଦ୍ଦେଶକ ତଥା ଗ୍ରୀଡ୍‌କୋ (ଡିଏମ୍ୟୁ)ର ନୋଡାଲ୍ ଅଫିସର ଗଗନ ବିହାରୀ ସ୍ୱାଇଁ ସଂଯୋଜନା କରିଥିଲେ ଏବଂ ଓକାକ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ମନୋଜ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ତିନୋଟି ୟୁଟିଲିଟିର ପ୍ରାଧିକୃତ ଅଧିକାରୀ ଓ ଓକାକ୍‌ର ବରିଷ୍ଠ ଅଧିକାରୀମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ନେସ୍କୋ, ୱେସ୍କୋ ଏବଂ ସାଉଥ୍‌କୋ ୟୁଟିଲିଟିର ପ୍ରାୟ ୬୩ଲକ୍ଷ ବିଦ୍ୟୁତ୍ ଉପଭୋକ୍ତା ଏହି 'ଓଡ଼ିଶା ୱାନ୍' ୱେବ୍ ପୋର୍ଟାଲ୍ ସେବା ମାଧ୍ୟମରେ ଉପକୃତ ହେବେ।

## ଷ୍ଟେଶନରେ ଯନ୍ତ୍ର ଚାଳିତ ଶିଡି ପାଇଁ କେନ୍ଦ୍ରମନ୍ତ୍ରୀଙ୍କ ଚିଠି

**ବାଲେଶ୍ୱର ଅଫିସ,୧୨।୧୨**

ବାଲେଶ୍ୱର ରେଳ ଷ୍ଟେଶନରେ ଯାତ୍ରୀଙ୍କ ଆବଶ୍ୟକତା ଓ ସୁବିଧା ସୁଯୋଗକୁ ଧ୍ୟାନରେ ରଖି ଦୁଇଟି ଯନ୍ତ୍ର ଚାଳିତ ଶିଡି (ଏସ୍କାଲେଟର) ସ୍ଥାପନ କରିବା ପାଇଁ ବାଲେଶ୍ୱର ଏମ୍‌ପି ତଥା କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଦାବି କରିଛନ୍ତି। ଏସଂକ୍ରାନ୍ତରେ କେନ୍ଦ୍ରମନ୍ତ୍ରୀ ଷଡ଼ଙ୍ଗୀ ଖଡ଼ଗପୁର ଡିଭିଜନାଲ ରେଲୱେ ମ୍ୟାନେଜର ମନୋରଞ୍ଜନ ପ୍ରଧାନଙ୍କୁ ପତ୍ର ମାଧ୍ୟମରେ ଜଣାଇଛନ୍ତି। ପତ୍ର ପାଇବା ପରେ ଡିଭିଜନାଲ ରେଲୱେ ମ୍ୟାନେଜର ପ୍ରଧାନ ଖୁବ୍‌ଶୀଘ୍ର ଏହା କାର୍ଯ୍ୟକାରୀ କରାଯିବ ବୋଲି ଫୋନ୍ ମାଧ୍ୟମରେ ପ୍ରତିଶ୍ରୁତି ଦେଇଛନ୍ତି। ପୂର୍ବରୁ କେନ୍ଦ୍ରମନ୍ତ୍ରୀ ଷଡ଼ଙ୍ଗୀଙ୍କ ଉଦ୍ୟମରେ ବାଲେଶ୍ୱର ଷ୍ଟେଶନରେ ଲିଫ୍ଟର ବ୍ୟବସ୍ଥା ମଧ୍ୟ ହୋଇଛି।

# ଆଶିଷଙ୍କୁ ବାଛିଲା କେନ୍ଦୁଝର ଓକିଲ ସଂଘ

**କେନ୍ଦୁଝର, ୧୨।୧୨ ( ସ୍ୱ.ପ୍ର.)**



ଆଶିଷ ଚକ୍ରବର୍ତ୍ତୀ



ଆଲୋକ ମହନ୍ତ

କେନ୍ଦୁଝର ଓକିଲ ସଂଘ ନିର୍ବାଚନ ଶାନ୍ତି ଶୃଙ୍ଖଳା ସହ ଶେଷ ହୋଇଛି। ଆଶୀଷ ଚକ୍ରବର୍ତ୍ତୀ ସଭାପତି ଭାବେ ନିର୍ବାଚିତ ହୋଇଥିବାବେଳେ ଆଲୋକ ମହାନ୍ତ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ଉପସଭାପତି ଭାବେ ଏମଡି ସାହାବୁଦ୍ଦିନ ଅଖତାର ବିଜୟୀ ହୋଇଥିବା ବେଳେ ଯୁଗ ସମ୍ପାଦକ ଭାବେ ସୁନୀଲ କୁମାର ମହାନ୍ତ ଓ ସମ୍ବିତ ନାଏକ ବିଜୟୀ ହୋଇଥିବା ଜଣାପଡିଛି। କାର୍ଯ୍ୟକାରିଣୀ ସଦସ୍ୟ ଭାବେ ସଞ୍ଜୟ ସାହୁ, ବିଶ୍ୱଜିତ ସାହୁ, ଅନିଲ ନନ୍ଦ, ଜଗତଜିତ ଦାସ ଓ ହୁସେନ ଉଦ୍ଦିନ ବିଜୟୀ ହୋଇଛନ୍ତି।

# ଜଳେଶ୍ୱରରୁ ଅନୀଲ

**ଜଳେଶ୍ୱର,୧୨।୧୨(ସ୍ୱ.ପ୍ର)**



ଅନୀଲ କୁମାର ପରିଡା।

ବାଲେଶ୍ୱର ଜିଲା ଜଳେଶ୍ୱର କୋର୍ଟରେ ଆଇନ୍‌ଜୀବୀ ଅନୀଲ କୁମାର ପରିଡା ୧୧୧ଟି ଭୋଟ ପାଇ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ତାଙ୍କ ନିକଟତମ ପ୍ରତିନିଧି ପତିତପାବନ ପ୍ରଧାନଙ୍କୁ ୮୮ଖଣ୍ଡ ଭୋଟରେ ପରାସ୍ତ କରିଛନ୍ତି। ପରିଡ଼ା ଜଳେଶ୍ୱର କୋର୍ଟରେ ଦ୍ୱିତୀୟ ଥର ପାଇଁ ନିର୍ବାଚିତ ହୋଇଥିବାରୁ ବାର୍‌ରେ ଆନନ୍ଦ ଲହରୀ ଖେଳି ଯାଇଛି। ଉପ-ସଭାପତି ଭାବେ ଫରିଦ ଅହମ୍ମଦ ନିର୍ବାଚିତ ହୋଇଛନ୍ତି । ଜଳେଶ୍ୱର ବାର୍‌ର ୧୦ଜଣ ଏକ୍‌ଜିକ୍ୟୁଟିଭ୍ ମଧ୍ୟରୁ ଅଜିତ୍ କୁମାର ସୁର, ବିନୟ କୁମାର ନନ୍ଦି, ଘନଶ୍ୟାମ ସାହୁ, ଜଗଦିଶ ଚନ୍ଦ୍ର ପାଳ, ଲକ୍ଷ୍ମୀକାନ୍ତ ଦାସ, ତପନ କୁମାର ଦେ ପ୍ରମୁଖ ନିର୍ବାଚିତ ହୋଇଛନ୍ତି। ଶନିବାର ଭୋଟ ଗ୍ରହଣ ହୋଇଥିବା ବେଳେ ମୋଟ ୧୪୫ଜଣଙ୍କ ମଧ୍ୟରୁ ୧୪୩ଜଣ ଭୋଟ ଦେଇଥିଲେ ।

# ଚମ୍ପୁଆରୁ ରମାକାନ୍ତ

**ଚମ୍ପୁଆ, ୧୨।୧୨(ଡି.ଏନ.ଏ.)**



ରମାକାନ୍ତ କର।

ଶେଷ ହେଲା ଚମ୍ପୁଆ ଓକିଲ ସଂଘ ନିର୍ବାଚନ। ସଭାପତି ଭାବେ ବରିଷ୍ଠ ଆଇନଜୀବୀ ରମାକାନ୍ତ କର ନିର୍ବାଚିତ ହୋଇଛନ୍ତି। ଶନିବାର ଚମ୍ପୁଆ ବାର ହଲ ଠାରେ ଓକିଲ ସଂଘ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏହି ନିର୍ବାଚନରେ ଉପ ସଭାପତି, ସମ୍ପାଦକ ଓ କୋଷାଧ୍ୟକ୍ଷ ପଦବୀ ପାଇଁ ଜଣେ ଲେଖାଏଁ ପାର୍ଥିପତ୍ର ଦାଖଲ କରିଥିବା ବେଳେ ଉପସଭାପତି ଭାବେ ବଳରାମ ପ୍ରଧାନ, ସମ୍ପାଦକ ଭାବେ ବିଜୟ କୁମାର ପ୍ରଧାନ ଓ କୋଷାଧ୍ୟକ୍ଷ ଭାବେ ଯୋଗେଶ୍ୱର ମହାନ୍ତ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ବେଳେ ସଭାପତି ଆସନ ପାଇଁ ରମାକାନ୍ତ କର ଓ ନିର୍ମଳ ନନ୍ଦ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ଏହି ନିର୍ବାଚନରେ ୮୭ଟି ପୋଲିଂ ହୋଇଥିବାବେଳେ ରମାକାନ୍ତ କର ୫୧ ଟି ଓ ନିର୍ମଳ ନନ୍ଦ ୩୫ଟି ଭୋଟ ପାଇଥିଲେ।

# ଉଠା ଜଳସେଚନ ପଏଣ୍ଟ ନିର୍ମାଣ ନେଇ ବିବାଦ

**ଝୁମ୍ପୁରା, ୧୨।୧୨(ଡି.ଏନ.ଏ.)**



ସହକାରୀ ଯନ୍ତ୍ରୀଙ୍କ ସହିତ ଗ୍ରାମବାସୀ ଆଲୋଚନା କରୁଛନ୍ତି।

କେନ୍ଦୁଝର ଜିଲା ଝୁମ୍ପୁରା ବ୍ଲକ ଅନ୍ତର୍ଗତ ଅର୍ଶଳା ଗ୍ରାମ ପଞ୍ଚାୟତର ବଳଭଦ୍ରପୁର ଗ୍ରାମ ଖମାରରେ ଉଠା ଜଳସେଚନ ପଏଣ୍ଟ ନିର୍ମାଣ ନେଇ ବିବାଦ ଦେଖାଦେଇଛି। ଏଥିପାଇଁ ଉଠା ଜଳସେଚନ ବିଭାଗର ଆସିଷ୍ଟାଣ୍ଟ ଯନ୍ତ୍ରୀ କାମ ଆରମ୍ଭ ନ କରି ଫେରି ଆସିଛନ୍ତି। ଭୌଗୋଳିକ ଦୃଷ୍ଟି କୋଣରୁ ବଳଭଦ୍ରପୁର ଖମାର ଚାଷ ଜମି ବହୁ ସ୍ଥାନରେ ଖାଲଢିପ ହୋଇ ରହିଛି। ପୂର୍ବରୁ ଏଠାରେ ଗୋଟିଏ ଉଠା ଜଳସେଚନ ପଏଣ୍ଟ ମଧ୍ୟ ରହିଛି। ତେବେ ପୂର୍ବରୁ ରହିଥିବା ଉଠା ଜଳସେଚନ ପଏଣ୍ଟ ପାଖରୁ ନୂତନ ଭାବେ ନିର୍ମାଣ ହେବାପାଇଁ ଥିବା ପଏଣ୍ଟ ୧୦୦ମିଟର ବ୍ୟବଧାନରେ ହେଉଥିବାରୁ ଖମାର ଉପର ମୁଣ୍ଡରେ ଥିବା ଚାଷୀ ତରଣୀ ମହାନ୍ତ, ନଟବର ମହାନ୍ତ, ନିତିଆ ମହାନ୍ତ ପ୍ରମୁଖ ତୀବ୍ର ବିରୋଧ କରିଥିଲେ ଚାଷୀଙ୍କ ଯୁକ୍ତି ଥିଲା ଯେ, ପୂର୍ବ ପଏଣ୍ଟରୁ ଆମ୍ଭେମାନେ ପାଣି ପାଉନାହୁଁ, ବର୍ତ୍ତମାନ ନୂତନ ଉଠାଜଳସେଚନ ପଏଣ୍ଟଟି ପୂର୍ବ ପଏଣ୍ଟଠାରୁ ୧୦୦ମିଟର ବଦଳରେ ୩୦୦ମିଟର ଘୁଞ୍ଚାଇ ଦିଆଯାଉ। ଯାହାଫଳରେ କି ଉପରମୁଣ୍ଡର ଚାଷୀ ମଧ୍ୟ ପାଣି ପାଇ ପାରିବେ। ଏହାଦେଖି ତଳମୁଣ୍ଡର ଚାଷୀ ବିରୋଧ କରିଥିଲେ। ଫଳରେ ଉପରମୁଣ୍ଡ ଚାଷୀ ଏବଂ ତଳ ସାହି ଚାଷୀଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏସମ୍ପର୍କରେ ଆସିଷ୍ଟାଣ୍ଟ ଯନ୍ତ୍ରୀ ରମେଶ ଚନ୍ଦ୍ର ନାଏକଙ୍କୁ ପଚାରିବାରୁ ଗ୍ରାମ ବିବାଦ ଯୋଗୁ କାମ କରାଯିବା ସମ୍ଭବ ନୁହେଁ, ଚାଷୀମାନେ ବୁଝାମଣା କରନ୍ତୁ ତା'ପରେ କାମ ଆରମ୍ଭ ହେବ ବୋଲି ସେ କହିଛନ୍ତି।

# ବଡ଼ବିଲରୁ ତ୍ରିବେଣୀ, ଦେବପ୍ରିୟ

**ବଡ଼ବିଲ,୧୨।୧୨(ସ.ପ୍ର.)**



ତ୍ରିବେଣୀ ଗିରି



ଦେବପ୍ରିୟ ରଣା

କେନ୍ଦୁଝର ଜିଲା ବଡବିଲ ଆଇନଜୀବୀ ସଂଘର କାର୍ଯ୍ୟକାରିଣୀ ନିର୍ବାଚନପ୍ରକ୍ରିୟା ଶନିବାର ସନ୍ଧ୍ୟାରେ ଶେଷ ହୋଇଛି। ନିର୍ବାଚନରେ ସଭାପତି ଭାବେ ତ୍ରିବେଣୀ ଗିରି ଏବଂ ସମ୍ପାଦକ ଭାବେ ଦେବପ୍ରିୟ ରଣା ନିର୍ବାଚିତ ହୋଇଛନ୍ତି।

## ସଂକ୍ଷେପରେ

### ୯,୮୭୯ କୋଟିର ପୁଞ୍ଜି ଖର୍ଚ୍ଚକୁ ମଞ୍ଜୁରୀ

ନୂଆଦିଲ୍ଲୀ, ୧୨।୧୨- ପୁଞ୍ଜି ଖର୍ଚ୍ଚ ବାବଦ ୯,୮୭୯ କୋଟିର ପ୍ରସ୍ତାବକୁ ମଞ୍ଜୁରୀ ପ୍ରଦାନ କରାଯାଇଥିବା ଅର୍ଥ ମନ୍ତ୍ରଣାଳୟ ଶନିବାର ସ୍ପଷ୍ଟ କରିଛି। ଏ ନେଇ ୨୭ ରାଜ୍ୟ ପ୍ରସ୍ତାବ ଦେଇଥିଲେ। ରାଜ୍ୟଗୁଡିକୁ ପ୍ରଥମ କିସ୍ତିରେ ୪୯୩୯.୮୧ କୋଟି ଟଙ୍କା ପ୍ରଦାନ କରାଯାଇଛି। ତାମିଲନାଡୁ ବାଦ ସବୁ ରାଜ୍ୟ ପୁଞ୍ଜି ଖର୍ଚ୍ଚର ସ୍ୱତନ୍ତ୍ର ସହାୟତା ଭାବେ ଏଭଳି ଅର୍ଥ ଲାଭ କରିଛନ୍ତି। ଅକ୍ଟୋବର ୧୨ରେ ଘୋଷଣା ହୋଇଥିବା ଆତ୍ମ ନିର୍ଭର ଭାରତ ପ୍ୟାକେଜ ଅଧିନରେ ଏହି ରାଶି ପ୍ରଦାନ କରାଯାଉଛି। ରାଜ୍ୟଗୁଡିକର ପୁଞ୍ଜି ଖର୍ଚ୍ଚକୁ ବଢାଇବା ଏହି ସ୍କିମର ଲକ୍ଷ୍ୟ ରହିଛି। କୋଭିଡ ଯୋଗୁ ରାଜସ୍ୱ ସଂଗ୍ରହ କମିଥିବାରୁ ରାଜ୍ୟଗୁଡିକର ବିତ୍ତୀୟ ସ୍ଥିତି ବିଗିଡିଛି। ଏହି ପୁଞ୍ଜି ଖର୍ଚ୍ଚ ଅର୍ଥ ବ୍ୟବସ୍ଥା ଲାଗି ଆଗାମୀ ଦିନରେ ଲାଭକାରୀ ହେବ ବୋଲି ମନ୍ତ୍ରଣାଳୟ ଆଶାବାଦୀ ରହିଛି। ଟିକସ ସଂଗ୍ରହ କ୍ଷେତ୍ରରେ କେନ୍ଦ୍ର ସରକାର ମଧ ସମସ୍ୟା ସାମ୍ନା କରୁଛନ୍ତି। ହେଲେ ରାଜ୍ୟଗୁଡିକର ଅଭିବୃଦ୍ଧିକୁ ଧ୍ୟାନରେ ରଖି ଏଭଳି ବ୍ୟବସ୍ଥା କରାଯାଇଥିବା ମନ୍ତ୍ରଣାଳୟ ପକ୍ଷରୁ ସ୍ପଷ୍ଟ କରାଯାଇଛି। ସ୍ୱାସ୍ଥ୍ୟ, ଗ୍ରାମୀଣ ବିକାଶ, ଜଳ ଯୋଗାଣ, ଜଳସେଚନ, ଶକ୍ତି, ପରିବହନ ଏବଂ ଶିକ୍ଷା ଭଳି କ୍ଷେତ୍ରରେ ଏହି ଅର୍ଥ ରାଶି ଖର୍ଚ୍ଚ ହେବ। ଆତ୍ମ ନିର୍ଭର ଭାରତ ଯୋଜନାରେ ରାଜ୍ୟଗୁଡିକୁ ୧୨ ହଜାର କୋଟି ଟଙ୍କାର ସୁଧ ମୁକ୍ତ ଋଣ ପ୍ରଦାନ କରାଯିବ।

### ୧୧ ଶହ କୋଟି ବେଟିଂ ମାମଲାରେ ଜଣେ ଗିରଫ

ହାଇଦ୍ରାବାଦ, ୧୨।୧୨- ଚାଇନା ବେଟିଂ ଆପ୍ ଦ୍ୱାରା ୧,୧୦୦ କୋଟି ଟଙ୍କାର ବେଟିଂ କାରବାର ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ପକ୍ଷରୁ ଗୁଜରାଟର ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ ଜଣକ ଗୁଜରାଟ ଭାବନଗରର ୨୬ ବର୍ଷୀୟ ନାଇଜର କୋଠାରୀ। ସେ ଏକ ଟେକ୍ନୋଲୋଜୀ କମ୍ପାନୀରେ କାମ କରୁଥିଲେ। କୋଠାରୀ ୧୪ କୋଟି ଟଙ୍କାର ନେଣଦେଣ କରିଥିବା ଜଣାପଡିଛି। ବେଆଇନ ଅର୍ଥ କାରବାର ନିରୋଧି ଆଇନ(ପିଏମ୍ଏଲ୍ଏ) ଅଧିନରେ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

# ଆର୍ଥିକ ସ୍ଥିତିରେ ସୁଧାର ଆସୁଛି

**ନୂଆଦିଲ୍ଲୀ, ୧୨।୧୨**

ଭାରତୀୟ ଅର୍ଥ ବ୍ୟବସ୍ଥାରେ ଏବେ ସୁଧାର ପରିଲକ୍ଷିତ ହେଉଛି। ଦେଶରେ ବିଭିନ୍ନ କ୍ଷେତ୍ର ଉତ୍ସାହଜନକ ସ୍ଥିତିକୁ ଫେରୁଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର କହିଛନ୍ତି। ଫେଡେରେଶନ ଅଫ୍ ଇଣ୍ଡିଆନ ଚାମ୍ବର୍ସ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି(ଫିକି) ୯୩ତମ ଭର୍ଚୁଆଲ ବାର୍ଷିକ ସାଧାରଣ ବୈଠକକୁ ସମ୍ବୋଧିତ କରି ସେ କହିଛନ୍ତି, ୨୦୨୦ ଭାରତ ଲାଗି ବହୁ ଘଟଣାବହୁଳ। ଦେଶ ଅନେକ ଉତ୍ଥାନ ପତନ ସାମ୍ନା କରିଛି। ଅର୍ଥ ବ୍ୟବସ୍ଥାରେ ସୁଧାର ଆଣିବା ଲାଗି ସରକାର ରୋଡ୍‌ମ୍ୟାପ ପ୍ରସ୍ତୁତ କରିଛନ୍ତି। ଦେଶର ସ୍ଥିତିରେ ସୁଧାର ଦ୍ରୁତଗାମୀ ହେଉଥିବା ସେ ସ୍ପଷ୍ଟ କରିଛନ୍ତି।

ଏହି ଅବସରରେ ମୋଦି ଫିକିର ଭର୍ଚୁଆଲ ଆନୁଆଲ ଏକ୍ସପୋକୁ ମଧ୍ୟ ଶୁଭାରମ୍ଭ କରି କହିଛନ୍ତି, ଉଦ୍ୟୋଗୀ, କୃଷକ, ଯୁବକ ଏବଂ ଲୋକଙ୍କ ଲାଗି ଋଣ ବ୍ୟବସ୍ଥା ଉପରେ ସରକାର କାର୍ଯ୍ୟକ୍ରମ ଜାରି ରଖିଛନ୍ତି। ଏଭଳି ସମୟରେ



ଘରୋଇ ବଜାରର ଚାହିଦା ପୂରଣ ଲାଗି ଦେଶର ଘରୋଇ କ୍ଷେତ୍ର ସକ୍ଷମ ହେବା ସହ ବିଶ୍ୱସ୍ତରରେ ଏକ ପରିଚୟ ତିଆରି କରିପାରିଛି। ଟେକ୍ନୋଲୋଜି ଭିତ୍ତିକ ଶିଳ୍ପ କ୍ଷେତ୍ର ଦ୍ୱାରା ଭାରତକୁ ଆହୁରି ପ୍ରତିଦ୍ୱନ୍ଦ୍ୱୀ କରାଇବାକୁ ମୋଦି ଆହ୍ୱାନ ଜଣାଇଛନ୍ତି। ମହାମାରୀ ସମୟରେ ବ୍ୟାଙ୍କ ଖାତାରେ ସିଧାସଳଖ ସୁବିଧାର ପ୍ରତ୍ୟକ୍ଷ ହସ୍ତାନ୍ତର(ଡିବିଟି) ଯୋଜନା ଲାଗୁ କରି ଭାରତ ବିଶ୍ୱ ସ୍ତରରେ ଅନେକ ସମ୍ମାନ ଲାଭ କରିଛି। ଜନଧନ, ଆଧାର ଏବଂ ମୋବାଇଲ (ଜାମ୍) ଦ୍ୱାରା ସର୍ବବୃହତ୍ ଡିବିଟି କାର୍ଯ୍ୟକ୍ରମକୁ ନିଶ୍ଚିତ କରାଯାଇଛି। ଏହି କାର୍ଯ୍ୟକ୍ରମ ଦ୍ୱାରା ଗୋଟିଏ କ୍ଲିକ୍‌ରେ ଦେଶର ପ୍ରତି କୋଣକୁ ଲୋକଙ୍କ ବ୍ୟାଙ୍କ ଖାତାରେ ସିଧାସଳଖ ଅର୍ଥ ଯୋଗାଇ ଦିଆଯାଇଛି ବୋଲି ଥିବା ସେ ମତବ୍ୟକ୍ତ କରିଛନ୍ତି।

ସେ ପୁଣି କହିଛନ୍ତି, ୟୁନାଇଟେଡ୍ ପେମେଣ୍ଟ ଇଣ୍ଟରଫେସ୍(ୟୁପିଆଇ) ପ୍ଲାଟ୍‌ଫର୍ମରେ ପ୍ରତି ମାସରେ ୪ ଲକ୍ଷ କୋଟି

**ଫିକି ବାର୍ଷିକ ସାଧାରଣ ବୈଠକରେ ମୋଦିଙ୍କ ଅଭିଭାଷଣ**

ଟଙ୍କାର ନେଣଦେଣ ହେଉଛି। ଆତ୍ମନିର୍ଭର ଭାରତ କାର୍ଯ୍ୟକ୍ରମ ବିଭିନ୍ନ କ୍ଷେତ୍ରକୁ ଉତ୍ସାହିତ କରିବାରେ ସହାୟକ ହେଉଛି। ଭାରତକୁ ଗ୍ଲୋବାଲ ଚାମ୍ପିୟନ ଭାବେ ଗଢି ତୋଳିବା ଲାଗି ଉତ୍ପାଦନ ସଂଯୋଗୀ ପ୍ରୋତ୍ସାହନ ଯୋଜନା(ପିଏଲ୍ଆଇ)ରେ ବିଭିନ୍ନ କ୍ଷେତ୍ରକୁ ସହାୟତା ଯୋଗାଇ ଦିଆଯାଉଛି। ମହାମାରୀ ସମୟରେ ଦେଶ ଯେଉଁ ଶିକ୍ଷା ଲାଭ କରିଛି ଆଗାମୀ ଦିନରେ ଦୃଢ ଭାବେ ଛିଡ଼ା ହେବାକୁ ଏହା ଶକ୍ତି ଯୋଗାଇବ। ମହାମାରୀ ସମୟରେ ଭାରତ ଜୀବନ ରକ୍ଷାକୁ ପ୍ରାଥମିକତା ଦେଇଛି । ମହାମାରୀ ଯୋଗୁ ବିଭିନ୍ନ ସମସ୍ୟା ଦେଇ ଗତି କରୁଥିବା ବେଳେ ଏହାର ସମାଧାନ ଏବେ ମିଳିଛି ବୋଲି ବୋଲି ସେ ମତବ୍ୟକ୍ତ କରିଛନ୍ତି।

## ଶିଳ୍ପ ଉତ୍ପାଦନ ୮ ମାସର ସର୍ବୋଚ୍ଚ ସ୍ତରରେ

**ନୂଆଦିଲ୍ଲୀ, ୧୨।୧୨**



ଦେଶର ଶିଳ୍ପ କ୍ଷେତ୍ର ଉତ୍ପାଦନ ଅକ୍ଟୋବର ମାସରେ ୮ ମାସର ସର୍ବୋଚ୍ଚ ସ୍ତର ୩.୬% ରହିଛି। ଲଗାତର ଦ୍ୱିତୀୟ ମାସ ଲାଗି ଏଭଳି ଅଭିବୃଦ୍ଧି ଦେଖାଯାଇଛି। ମାନୁଫାକ୍ଚରିଂ ଉନ୍ନତି, ପାର୍ବଣ ଚାହିଦା ବୃଦ୍ଧି, କଞ୍ଜ୍ୟୁମର ଡ୍ୟୁରେବଲ୍ସ କ୍ଷେତ୍ର ଏବଂ ବିଦ୍ୟୁତ୍ ଚାହିଦା ବଢ଼ିବା ଯୋଗୁ ଏଭଳି ସ୍ଥିତି ପରିବର୍ତ୍ତନ ହୋଇଛି। ଲକ୍‌ଡାଉନ ପରେ ସ୍ଥିତିରେ ଉନ୍ନତି ଆସୁଥିବା ଏଭଳି ଡାଟା ଆଭାସ ଦେଉଛି। ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ(ଏନ୍ଏସ୍ଓ) ପକ୍ଷରୁ ଶୁକ୍ରବାର ଔଦ୍ୟୋଗିକ ଉତ୍ପାଦନ ସୂଚକାଙ୍କ(ଆଇଆଇପି) ଡାଟା ସାମ୍ନାକୁ ଆସିଛି। ଏହା ସେପ୍ଟେମ୍ବର ମାସରେ ୦.୫% ରହିଥିବା ବେଳେ ଅକ୍ଟୋବରରେ ୩.୬%କୁ ବଢିଛି। ଗତ ବର୍ଷ ଅକ୍ଟୋବରରେ ଆଇଆଇପି ୬.୬% ହ୍ରାସ ହୋଇଥିଲା। ଚଳିତ ବର୍ଷ ଏପ୍ରିଲ ମାସରୁ ଅକ୍ଟୋବର ମଧ୍ୟରେ ଆଇଆଇପି କଥା ବିଚାରକଲେ ଏହା ୧୭.୫% ହ୍ରାସ ପାଇଛି। ଏହା ଗୋଟିଏ ବର୍ଷ ତଳେ ସମାନ ସମୟରେ ୦.୧% ନିମ୍ନରେ ରହିଥିଲା। ଲକ୍‌ଡାଉନ ଯୋଗୁ ଦେଶର ମାନୁଫାକଚରିଂ କ୍ଷେତ୍ର କ୍ଷତିଗ୍ରସ୍ତ ହୋଇଥିଲା। ଅକ୍ଟୋବରରେ ଏହା ୩.୫% ବଢିଛି। ଗୋଟିଏ ବର୍ଷ ତଳେ ସମାନ ସମୟରେ ଏହା ୫.୭% ଖସିଥିଲା। ସେହିଭଳି ଚଳିତ ବର୍ଷ ଅକ୍ଟୋବରରେ ବିଦ୍ୟୁତ୍ କ୍ଷେତ୍ର ୧୧.୨% ବଢିଛି। ଏହା ଗତ ବର୍ଷ ଅକ୍ଟୋବରରେ ୧୨.୨% ଖସିଥିଲା। ପାର୍ବଣ ଯୋଗୁ କଞ୍ଜ୍ୟୁମର ଡ୍ୟୁରେବଲ୍ସ ୧୭.୬% ବଢିଛି। ଏହି ସମୟରେ ଅଣ କଞ୍ଜ୍ୟୁମର ଡ୍ୟୁରେବଲ୍ସ କ୍ଷେତ୍ରରେ ୭.୫% ବୃଦ୍ଧି ଘଟିଥିବା ନଜରକୁ ଆସିଛି।

## ଟୟୋଟା ପକ୍ଷରୁ ୱିଣ୍ଟର କ୍ୟାମ୍ପେନ

**ଭୁବନେଶ୍ୱର,୧୨।୧୨**

ଟୟୋଟା କିର୍ଲୋସ୍କର ମୋଟର ପକ୍ଷରୁ ୱିଣ୍ଟର କ୍ୟାମ୍ପେନ ସହ ଟୟୋଟା କ୍ୟୁ-ସର୍ଭିସ୍‌ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ସମୟରେ କମ୍ପାନୀ ତା'ର ଗ୍ରାହକଙ୍କୁ ଅନନ୍ୟ ଅଭିଜ୍ଞତା ପ୍ରଦାନର ପ୍ରତିଶ୍ରୁତି ପାଳନ କରିବାକୁ ଯାଉଛି। ଚଳିତ ମାସ ବା ଶୀତ ଋତୁରେ ଏହା ଟୟୋଟା ଗ୍ରାହକଙ୍କୁ ଏକ ସ୍ୱତନ୍ତ୍ର କ୍ୟୁରେଟେଡ୍ ପ୍ୟାକେଜ ଉପଲବ୍ଧ କରାଇବାକୁ ସକ୍ଷମ ହେବ। ପୂର୍ବାଞ୍ଚଳରେ ଏହି ରିଜିଓନାଲ ୱିଣ୍ଟର କ୍ୟାମ୍ପେନ ଆରମ୍ଭ ହୋଇଛି। ଏହାର ଶୀର୍ଷକ 'ୱାର୍ମ ଅପ୍ ଦିସ୍ ଡିସେମ୍ବର ୱିଥ୍ ଟୟୋଟା କ୍ୟୁ ସର୍ଭିସ' ରହିଛି। ଏହାଦ୍ୱାରା ୨୦-ପଏଣ୍ଟ ଚେକ୍ ଅପ୍ ସହ ପିରିୟଡିକ ମେଣ୍ଟନାନ୍ସ କାର-କେୟାର ଏବଂ ଟାୟାର ପରିବର୍ତ୍ତନ ଭଳି ସୁବିଧା ଯୋଗାଇ ଦିଆଯାଉଛି। ଏହି ଅଭିଯାନ ୨୦୨୦ ଡିସେମ୍ବର ୧ ରୁ ୩୧ ପର୍ଯ୍ୟନ୍ତ ଜାରି ରହିବ। ଏହା ଜରିଆରେ ଗ୍ରାହକଙ୍କୁ ମାଗଣା ଚେକ୍‌ଅପ୍, ଇଞ୍ଜିନ ଅଏଲ ଚେଞ୍ଜ ଏବଂ ପିରିୟଡିକ ମେଣ୍ଟାନାନ୍ସ କ୍ଷେତ୍ରରେ ରିହାତି ଯୋଗାଇ ଦିଆଯିବ। ସେହିପରି କାର କେୟାର କ୍ଷେତ୍ରରେ ୧୫% ରିହାତି ସହ ୨ରୁ ୩ଟି ଟାୟାର କିଣିଲେ ହ୍ୱିଲ ଆଲାଇନମେଣ୍ଟ ଏବଂ ବାଲାନ୍ସିଂରେ ୫୦% ରିହାତି ଉପଲବ୍ଧ ହେବ। ଅପରପକ୍ଷରେ ୪ଟି ଟାୟାର କିଣିବା ସ୍ଥଳେ ହ୍ୱିଲ ଆଲାଇନମେଣ୍ଟ ଏବଂ ବାଲାନ୍ସିଂରେ ୧୦୦% ରିହାତି ମିଳିବ ବୋଲି ଟୟୋଟା କିର୍ଲୋସ୍କର ମୋଟର୍ସର ସେଲ୍ସ ଏବଂ ସର୍ଭିସ୍‌ର ବରିଷ୍ଠ ଉପସଭାପତି ନବୀନ ସୋନି କହିଛନ୍ତି। ଏହି କ୍ୟାମ୍ପେନ ଓ ସର୍ଭିସ୍ ସହ ଅଫର ପଶ୍ଚିମବଙ୍ଗ, ଓଡ଼ିଶା, ଆସାମ, ବିହାର, ଛତିଶଗଡ଼, ଝାଡଖଣ୍ଡ, ମେଘାଳୟ, ନାଗାଲାଣ୍ଡ, ମଣିପୁର ଏବଂ ସିକ୍କିମ ଭଳି ରାଜ୍ୟର ଟୟୋଟା ସର୍ଭିସ ସେଣ୍ଟରଗୁଡିକରେ ଉପଲବ୍ଧ ହେଉଛି ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି।

## ୟାଟ୍‌ସ ପାଇଁ ଦିନିକିଆ ଅଧିବେଶନ

**ଭୁବନେଶ୍ୱର,୧୨।୧୨**

ରାଜ୍ୟ ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗର ପଠାଣି ସାମନ୍ତ ପ୍ଲାନେଟୋରିୟମ ଏବଂ ଟାଟା ଷ୍ଟିଲ୍ ପକ୍ଷରୁ ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣ (ୟାଟ୍‌ସ) ଆୟୋଜନ କରାଯାଉଛି। ୟାଟ୍‌ସ-୨୦୨୦ ପାଳନର ଅଂଶ ସ୍ୱରୂପ ରବିବାର କିମ୍ବଦନ୍ତୀ ଜ୍ୟୋତିର୍ବିଜ୍ଞାନୀ ପଠାଣି ସାମନ୍ତଙ୍କ ୧୮୫ତମ ଜନ୍ମବାର୍ଷିକୀ ପାଳନ କରାଯିବ। ଏହି ଅବସରରେ ଉଚ୍ଚ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ପାଇଁ ଡିଜିଟାଲ ପ୍ଲାଟ୍‌ଫର୍ମରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଛାତ୍ରୀଛାତ୍ରଙ୍କ ପାଇଁ ଜ୍ୟୋତିର୍ବିଜ୍ଞାନ ଓ ମହାକାଶ ବିଜ୍ଞାନ କ୍ଷେତ୍ରର ବିଭିନ୍ନ ବିଶେଷଜ୍ଞଙ୍କୁ ନେଇ ଦିନିକିଆ ଜ୍ଞାନ କର୍ମଶାଳା ଏବଂ ଭାବ ବିନିମୟ ଅଧିବେଶନ ଅନୁଷ୍ଠିତ ହେବ। ସେହିଭଳି ଜ୍ୟୋତିର୍ବିଜ୍ଞାନ ଉପରେ ଏକ ଶୋ' ମଧ୍ୟ ଏଥି ସାମିଲ ରହିଛି।

## ଜିଏସ୍‌ଟି ପଞ୍ଜୀକରଣ ହରାଇଲେ ୧.୬ ଲକ୍ଷ ସଂସ୍ଥା

**ନୂଆଦିଲ୍ଲୀ, ୧୨।୧୨**

ସାମଗ୍ରୀ ଓ ସେବା ଟିକସ(ଜିଏସ୍‌ଟି) ବ୍ୟବସ୍ଥାରେ ୧.୬ ଲକ୍ଷ ସଂସ୍ଥା ପଞ୍ଜୀକରଣ ହରାଇଛନ୍ତି। ୬ ମାସରୁ ଉର୍ଦ୍ଧ୍ୱ ସମୟ ଧରି ଏହି ସଂସ୍ଥାଗୁଡିକ ରିଟର୍ନ ଫାଇଲ କରି ନ ଥିଲେ। ଫଳରେ ଟିକସ କର୍ତ୍ତୃପକ୍ଷ ଏମାନଙ୍କ ପଞ୍ଜୀକରଣକୁ ରଦ୍ଦ କରିଥିବା ଶନିବାର ଜଣାପଡିଛି। ସେହିଭଳି ଜାଲିଆତି କରି ରିଫଣ୍ଡ ପାଇବା ଲାଗି କିଛି ସଂସ୍ଥା କାରସାଦି କରିଥିବା ନଜରକୁ ଆସିଛି। ଟିକସ ଫାଇଲିଂରେ ବିଭିନ୍ନ ଅନିୟମିତତା ଅଭିଯୋଗରେ ୧୩୨ ଜଣ ଗିରଫ ହୋଇଛନ୍ତି। ଗତ ମାସେ ମଧ୍ୟରେ ଏଭଳି ଘଟଣା ସାମ୍ନାକୁ ଆସିଛି। ସାରା ଦେଶରେ ଅପରେଶନ ଦ୍ୱାରା ଏଭଳି ଘଟଣାର ପର୍ଦ୍ଦାଫାଶ ହୋଇଛି।

ବେଆଇନ ଜାଲ୍ ଇନ୍‌ପୁଟ ଟାକ୍ସ କ୍ରେଡିଟ ସୁବିଧା କରାଇଦେବା ଅଭିଯୋଗରେ ୪ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ



ଏବଂ ଜଣେ ମହିଳାଙ୍କ ଗିରଫ ଭଳି ଘଟଣା ମଧ ନଜରକୁ ଆସିଛି। ନଭେମ୍ବର ମଧ୍ୟ ଭାଗରୁ ଏଭଳି ବିଭିନ୍ନ ୧୪୩୦ ମାମଲା ଦାୟର ହୋଇଛି। ୪୫୮୬ ସଂସ୍ଥା ଜାଲ୍ ବୋଲି ଜଣାପଡିଛି। ଏଭଳି ବିଭିନ୍ନ ଘଟଣାକୁ ନଜରରେ ରଖି ୧.୬ ଲକ୍ଷ ସଂସ୍ଥାଙ୍କ ପଞ୍ଜୀକରଣ ବାତିଲ କରାଯାଇଥିବା ଶନିବାର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ସ୍ପଷ୍ଟ କରାଯାଇଛି। ସୂଚନାଯୋଗ୍ୟ, ୧.୨ କୋଟିରୁ ଉର୍ଦ୍ଧ୍ୱ ସଂସ୍ଥା ଜିଏସ୍‌ଟି ଅଧୀନରେ ପଞ୍ଜୀକୃତ ଅଛନ୍ତି।

ଜଣେ ଅଧିକାରୀ କହିଛନ୍ତି ଯେ,

**ଆଉ ୨୮, ୬୩୫ ଟିକସଦାତାଙ୍କ ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ**

ଜିଏସ୍‌ଟିଏନ୍‌ରେ ପଞ୍ଜୀକରଣ କରିଥିବା ସଂସ୍ଥାଗୁଡିକ ମଧ୍ୟରୁ ଯେଉଁଗୁଡିକ ୬ ମାସରୁ ଉର୍ଦ୍ଧ୍ୱ ସମୟ ହେବ ରିଟର୍ନ ଫାଇଲ କରିନାହାନ୍ତି ସେଗୁଡିକୁ ପ୍ରଥମେ ନୋଟିସ ଦିଆଯାଇଥିଲା। ଏହା ପରେ ପଞ୍ଜୀକରଣ ବାତିଲ କରାଯାଇଛି। ଏହା ଷ୍ଟାଣ୍ଡାର୍ଡ ପ୍ରୋସେଜିଅର ବୋଲି ଅଧିକାରୀ ମତ ରଖିଛନ୍ତି। ସେହିଭଳି ଆଉ ୨୮,୬୩୫ ଟିକସଦାତା ଜିଏସ୍‌ଟି ଆର୍ ୩ବି ଫାଇଲ କରିନାହାନ୍ତି। ୬ ମାସରୁ ଉର୍ଦ୍ଧ୍ୱ ସମୟ ହେବ ଏହି ସଂସ୍ଥାଗୁଡିକ ରିଟର୍ନ ଭରି ନାହାନ୍ତି। ଏମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ଲାଗି ଜିଏସ୍‌ଟି କମିଶନରଙ୍କୁ କୁହାଯାଇଥିବା ମନ୍ତ୍ରଣାଳୟ ପକ୍ଷରୁ ସ୍ପଷ୍ଟ କରାଯାଇଛି।

## ଦରଦ କାହିଁ

ପ୍ରଥମ ପୃଷ୍ଠାରୁ...

ଏଫ୍ଏସ୍ଏସ୍‌ଏରୁ ଫଳମୂଳ ଚାଷୀଙ୍କୁ ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍ଏସ୍‌ପି) ମିଳି ନ ଥାଏ କି ସେମାନଙ୍କ ଉତ୍ପାଦନ କ୍ଷମତା ବଢ଼ି ନ ଥାଏ। ତେଣୁ ଶୀତଳଭଣ୍ଡାର ଆବଶ୍ୟକ ହେଉ ନ ଥିବା ଏବଂ ଦୀର୍ଘଦିନ ଧରି ସହଜରେ ମହଜୁଦ ରହିପାରୁଥିବା ଖାଦ୍ୟଶସ୍ୟକୁ ନେଇ ବିନା ଦାବି ବା ପ୍ରୟୋଜନରେ ଆଇନ ପ୍ରଣୟନ କରାଯାଇଥିବାରୁ ଅନ୍ନଦାତାଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଛି।

କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟର ୱେବ୍‌ସାଇଟ୍ ତଥ୍ୟ ଅନୁସାରେ ଭାରତରେ ବାର୍ଷିକ ପ୍ରାୟ ୨୮୦ ନିୟୁତ ଟନ୍ ଖାଦ୍ୟଶସ୍ୟ ଓ ଡାଲିଜାତୀୟ ଶସ୍ୟ ଉତ୍ପାଦନ ହୋଇଥାଏ। ଏଭଳି ଶସ୍ୟଜାତୀୟ ସାମଗ୍ରୀ ମହଜୁଦ ରଖି କୃଷକଙ୍କୁ ଏମ୍ଏସ୍‌ପି ଦେବା ଓ ସେମାନଙ୍କ ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ୧୯୬୪ ମସିହାରେ ଭାରତର ଖାଦ୍ୟ ନିଗମ (ଏଫ୍‌ସିଆଇ) ପ୍ରତିଷ୍ଠା କରାଯାଇଥିଲା। ଏହି ବ୍ୟବସ୍ଥାରେ ଥିବା ତ୍ରୁଟି ବିଚ୍ୟୁତିକୁ ଦେଖି ସଂଯୁକ୍ତ ପ୍ରଗତିଶୀଳ ମେଣ୍ଟ (ଉପା) ସରକାରଙ୍କ ଦ୍ୱିତୀୟ ପାଳି (୨୦୧୨)ରେ ତତ୍କାଳୀନ ଖାଦ୍ୟ ଓ ସାଧାରଣ ବଣ୍ଟନ ମନ୍ତ୍ରୀ କେ.ଭି. ଥୋମାସ୍ ଏଫ୍‌ସିଆଇକୁ ଏକ 'ଧଳା ହାତୀ'ର ଆଖ୍ୟା ଦେଇଥିଲେ। ୨୦୧୪ରେ କେନ୍ଦ୍ରରେ ଭାଜପା ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ମୋଦିଙ୍କ ଏନ୍‌ଡିଏ-୧) କ୍ଷମତାକୁ ଆସିଲା। ଚାଷୀକୁଳ ଭାବିଥିଲେ ଏହି ସରକାରରେ ଆମେ ଉଦ୍ଧାର ହୋଇଯିବୁ। ହେଲେ ଅଦ୍ୟାବଧି ଏଫ୍‌ସିଆଇର ରଙ୍ଗ, ରୂପରେଖରେ ବିଶେଷ ପରିବର୍ତ୍ତନ ଅଣାଯାଇ ପାରିନାହିଁ। ସରକାର ବ୍ୟବସ୍ଥାଗତ ତ୍ରୁଟି ସୁଧାରିବା ପରିବର୍ତ୍ତେ କୃଷି ସଂସ୍କାର ନାମରେ ଭୁଲ କରିଚାଲିଥିବା ଅନେକ ସମାଲୋଚକ ମତ ଦିଅନ୍ତି। ଗତ ସେପ୍ଟେମ୍ବରରେ କେନ୍ଦ୍ର ସରକାର କୃଷକଙ୍କ ଉନ୍ନତି ନିମନ୍ତେ ୩ଟି ନୂଆ ଆଇନ ଆଣିଥିଲେ। ଫାର୍ମର୍ସ ପ୍ରଡ୍ୟୁସ୍ ଟ୍ରେଡ୍ ଆଣ୍ଡ କମର୍ସ (ପ୍ରୋମୋସନ ଆଣ୍ଡ ଫାସିଲିଟି) ଆକ୍ଟ, ଫାର୍ମର୍ସ (ଏମ୍ପାୱାରମେଣ୍ଟ ଆଣ୍ଡ ପ୍ରୋଟେକ୍ସନ) ଏଗ୍ରିମେଣ୍ଟ ଅନ୍ ପ୍ରାଇସ୍ ଆସ୍ୟୁରାନ୍ସ ଆଣ୍ଡ ଫାର୍ମ ସର୍ଭିସେସ୍ ଆକ୍ଟ ଏବଂ ଏସେନ୍ସିଆଲ କମୋଡିଟିଜ୍ (ଆମେଣ୍ଡମେଣ୍ଟ) ଆକ୍ଟ ନୂଆ କୃଷି ଆଇନ, ୨୦୨୦ ନାମରେ ବହୁଚର୍ଚ୍ଚିତ। ଉକ୍ତ ଆଇନ ଯୋଗୁ ଚାଷୀଙ୍କୁ ଆଉ ଏମ୍ଏସ୍‌ପି ମିଳିବନି, ତାଙ୍କ ମୂଲଚାଲ କ୍ଷମତା ହ୍ରାସ ପାଇବ ଏବଂ ପୁଞ୍ଜିପତିମାନେ ସେମାନଙ୍କ ଜମି ମାଡ଼ିବସିବେ ବୋଲି ଦେଶର କୃଷକମାନେ ଆତଙ୍କିତ ହୋଇଯାଇଛନ୍ତି। ଅକାରଣେ ଅଣାଯାଇଥିବା ଏହି ବିବାଦୀୟ ଆଇନ ଉଚ୍ଛେଦ ଦାବିରେ ଶତାଧିକ କୃଷକ ସଙ୍ଗଠନ ଗତ ନଭେମ୍ବର ୨୬ ତାରିଖରୁ ଆନ୍ଦୋଳନକୁ ଓହ୍ଲାଇଛନ୍ତି। କେନ୍ଦ୍ର ସରକାର ସେମାନଙ୍କ କଥା ଶୁଣୁ ନ ଥିବାରୁ ଦେଶରେ ୧୭ ଦିନ ଧରି ଅଚଳାବସ୍ଥା ଲାଗିରହିଛି। ଆଗକୁ ଆନ୍ଦୋଳନ ଆହୁରି ତୀବ୍ରତର ହେବ ବୋଲି ଚାଷୀକୁଳ ଚେତାବନୀ ଦେଇଛନ୍ତି। ଏପରିକି ସରକାର ଓ ଶିଳ୍ପପତିଙ୍କ ମଧ୍ୟରେ ଅସାଧୁ ମେଣ୍ଟ ହୋଇଥିବା ସନ୍ଦେହ କରି ସେମାନେ ଆଦାନୀ-ଅମ୍ବାନୀଙ୍କ ସେବା ଓ ସାମଗ୍ରୀଗୁଡ଼ିକୁ ବର୍ଜନ କରିବାକୁ ନିଷ୍ପତ୍ତି ନେଇଛନ୍ତି।

ଅନ୍ୟପକ୍ଷେ ସେହି କୃଷି ମନ୍ତ୍ରଣାଳୟର ୱେବ୍‌ସାଇଟ୍ କହୁଛି ଯେ, ଦେଶରେ ବର୍ଷକୁ ୩୨୦ ନିୟୁତ ଟନ୍ ଫଳମୂଳ, ପନିପରିବା ଓ ଡେଏରି ପ୍ରଡକ୍ଟ ଭଳି ପଚନଶୀଳ ଖାଦ୍ୟ ସାମଗ୍ରୀ ଉତ୍ପାଦନ ହେଉଛି। ତୁଳନାତ୍ମକ ଭାବେ ଖାଦ୍ୟଶସ୍ୟଠାରୁ ଏଭଳି ସାମଗ୍ରୀର ପରିମାଣ ଅଧିକ ହୋଇଥିଲେ ମଧ୍ୟ ଏସବୁର ସଂରକ୍ଷଣ, ମୂଲ୍ୟ ନିର୍ଦ୍ଧାରଣ ଓ ପ୍ରୋତ୍ସାହନ ପାଇଁ ଉପଯୁକ୍ତ ଆଇନ ପ୍ରଣୟନ କିମ୍ବା ନୀତି ନିର୍ଦ୍ଧାରଣ କରାଯାଉନାହିଁ। ନୀତି ନିର୍ଦ୍ଧାରକଙ୍କ ଭୁଲ ନିଷ୍ପତ୍ତି ଯୋଗୁ ଦେଶରେ ଖାଦ୍ୟ ସଙ୍କଟ ଉତ୍କଟ ହେବାରେ ଲାଗିଛି।

ପଚନଶୀଳ ଖାଦ୍ୟ ପରିବହନ କ୍ଷେତ୍ରରେ ମଧ ଭାରତରେ ବିଶେଷ ଅଗ୍ରଗତି ଦେଖିବାକୁ ମିଳେନାହିଁ। ଚାଷୀ ନିଜ ଉତ୍ପାଦିତ ସାମଗ୍ରୀ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ସହଜ ଓ ସୁବିଧାରେ ବିକ୍ରି ପାଇଁ ନେଇପାରନ୍ତି ନାହିଁ। କାରଣ ସେଗୁଡ଼ିକ ପଚିଶଢ଼ିଯିବା ଆଶଙ୍କା ରହିଥାଏ। ଏହାକୁ ଦୃଷ୍ଟିରେ ରଖି ଚଳିତ ଆର୍ଥିକ ବର୍ଷ ବଜେଟରେ କେନ୍ଦ୍ର ସରକାର ପରିବହନ ଓ ଯନ୍ତ୍ରପାତି ଯୋଗାଣ ଭିତ୍ତିଭୂମିର ବିକାଶ ପାଇଁ ୨୩ ବିଲିୟନ ଡଲାର ଆବଣ୍ଟନ କରିଥିଲେ। ସେଥିରୁ ପରିବହନ କ୍ଷେତ୍ର ଲାଗି ୧.୭ ଲକ୍ଷ କୋଟି ଟଙ୍କା ବ୍ୟବସ୍ଥା କରାଯାଇଥିବାବେଳେ ରାସ୍ତା ପାଇଁ ୧୯.୬ ଲକ୍ଷ କୋଟି, ରେଲୱେ ପାଇଁ ୧୩.୬୯ ଲକ୍ଷ କୋଟି, ବିମାନବନ୍ଦରକୁ ୧.୪୩ ଲକ୍ଷ କୋଟି ଓ ବନ୍ଦର ଲାଗି ୧.୦୧ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରାଯିବ ବୋଲି ଫେବୃୟାରୀ ୧ରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ପାର୍ଲାମେଣ୍ଟରେ ଘୋଷଣା କରିଥିଲେ। ଅର୍ଥମନ୍ତ୍ରୀ ୨୦୨୪ ସୁଦ୍ଧା ଦେଶରେ ୧୦୦ଟି ନୂଆ ବିମାନବନ୍ଦର ନିର୍ମାଣ ସହ କୃଷକଙ୍କ ପଚନଶୀଳ ଖାଦ୍ୟ ପରିବହନ ପାଇଁ ବିମାନ ଓ ଟ୍ରେନ୍‌ରେ ଶୀତଳଭଣ୍ଡାର ବ୍ୟବସ୍ଥା, ଏବଂ ଇ-ଲଜିଷ୍ଟିକ୍ ମାର୍କେଟ ପ୍ରତିଷ୍ଠାର ପ୍ରତିଶ୍ରୁତି ଦେଇଥିଲେ। ଚାଷୀଙ୍କ ଆୟ ଦ୍ୱିଗୁଣିତ କରିବା ଲକ୍ଷ୍ୟରେ ସରକାରୀ-ଘରୋଇ ସହଭାଗିତା (ପିପିପି) ମୋଡ୍‌ରେ 'କୃଷି ଟ୍ରେନ୍' ଓ 'କୃଷି ଉଡାନ' ପ୍ରକଳ୍ପ ପ୍ରତିଷ୍ଠା ପାଇଁ ମଧ୍ୟ ବଜେଟରେ ବ୍ୟବସ୍ଥା କରାଯାଇଥିଲା। ଏହି ପ୍ରୋଜେକ୍ଟରେ ଚାଷୀମାନେ ସେମାନଙ୍କ ଉତ୍ପାଦିତ ଫଳ ଓ ପନିପରିବାକୁ ଶୀତଳଭଣ୍ଡାର ବ୍ୟବସ୍ଥା ଥିବା ଟ୍ରେନ୍ ଓ ବିମାନରେ କଶ୍ମୀରରୁ କନ୍ୟାକୁମାରୀ ପର୍ଯ୍ୟନ୍ତ କମ୍ ପରିବହନ ଖର୍ଚ୍ଚରେ ଓ ସ୍ୱଳ୍ପ ଅବଧି ମଧ୍ୟରେ ନେଇ ବିକ୍ରିକରିପାରିବେ ବୋଲି କୁହାଯାଇଥିଲା। କିନ୍ତୁ ଗତ ଅଗଷ୍ଟ ୭ରେ ପାଇଲଟ୍ ପ୍ରୋଜେକ୍ଟରେ ଏହି ଧରଣର ମାତ୍ର ଗୋଟିଏ ଟ୍ରେନ୍‌ର ଶୁଭାରମ୍ଭ କରାଯାଇଥିଲା, ଯାହାକି ମହାରାଷ୍ଟ୍ରର ଦେଓଲାଲିରୁ ବିହାରର ଦାନାପୁରକୁ ଚଳାଚଳ କରିଥାଏ। କୃଷି ଉଡାନ ସ୍କିମରେ ମଧ ଗୋଟିଏ ବିମାନ ମିଜୋରାମର ଲେଙ୍ଗପୁଇ ବିମାନବନ୍ଦରରୁ କୋଲକାତା ଦେଇ ଗୁଆହାଟୀ ବିମାନବନ୍ଦରକୁ ଯାଇଥାଏ। ଏହି ସେବା ଅଗଷ୍ଟ ୨୬ରେ ଆରମ୍ଭ ହୋଇଥିଲା। ବର୍ଷ ଶେଷ ହେବାକୁ ଯାଉଥିବାବେଳେ ସରକାରଙ୍କ ଏହି ପ୍ରତିଶ୍ରୁତି ସମ୍ପୂର୍ଣ୍ଣ ଭାବେ ପୂରଣ ହୋଇନାହିଁ। ଓଲଟା ବୋଝ ଉପରେ ନଳିତା ବିଡ଼ା ସଦୃଶ ତେଲ ଦର ବୃଦ୍ଧିପାଇବାରେ ଲାଗିଛି। ନଭେମ୍ବର ୧୯ରୁ ତୈଳ ବିପଣନ କମ୍ପାନୀଗୁଡ଼ିକ ପେଟ୍ରୋଲ ଲିଟର ପିଛା ୨ଟଙ୍କା ଓ ଡିଜେଲ ୩.୫୦ ଟଙ୍କା ବଢ଼ାଇସାରିଲେଣି। ଭୁବନେଶ୍ୱରରେ ପେଟ୍ରୋଲ ୮୪.୩୪ ଓ ଡିଜେଲ ୮୪.୪୬ ଟଙ୍କାରେ ପହଞ୍ଚିଥିବାବେଳେ ଅନ୍ୟ କେତେକ ମେଟ୍ରୋ ସହରରେ ଏହା ଆହୁରି ଅଧିକ। ଏହି କାରଣରୁ ଚାଷୀଙ୍କ ସାମଗ୍ରୀ ପରିବହନ ଖର୍ଚ୍ଚ ବଢ଼ିବାରେ ଲାଗିଛି। ଏହି ସବୁ ଅବହେଳା, ଅଣଦେଖା, ଅବ୍ୟବସ୍ଥା ଓ ଅଚଳାବସ୍ଥାକୁ ନେଇ ଭାରତୀୟ କୃଷକମାନେ କେନ୍ଦ୍ର ସରକାରଙ୍କୁ ତୁହାକୁ ତୁହା ପ୍ରଶ୍ନ କରୁଛନ୍ତି, 'ଆମ ପାଇଁ ତୁମ ଦରଦ କାହିଁ?'

### ଉତ୍ପାଦନରେ ଆଗୁଆ, ଭୋକିଲା ବି ଅଧିକ

ଗତ ଅକ୍ଟୋବର ୧୯ରେ ପ୍ରକାଶିତ ବିଶ୍ୱ କ୍ଷୁଧା ସୂଚକାଙ୍କ-୨୦୨୦ ଅନୁସାରେ ପୃଥିବୀର ୧୦୭ଟି ଭୋକିଲା ରାଷ୍ଟ୍ର ମଧ୍ୟରେ ଭାରତର ସ୍ଥାନ ହେଉଛି ୯୪। ଭାରତର ସ୍ଥିତିକୁ ଏଥିରେ 'ଅତ୍ୟନ୍ତ ଗମ୍ଭୀର' ବୋଲି ଦର୍ଶାଯାଇଥିବାବେଳେ ପଡ଼ୋଶୀ ପାକିସ୍ତାନ, ବାଂଲାଦେଶ, ନେପାଳ ଓ ଇଣ୍ଡୋନେସିଆ ଆମଠାରୁ ଭଲ ଅବସ୍ଥାରେ ଅଛନ୍ତି। ରିପୋର୍ଟ ଅନୁଯାୟୀ ଭାରତର ୧୪% ଲୋକ କୁପୋଷଣର ଶିକାର ହେଉଛନ୍ତି। 'ଗ୍ଲୋବାଲ୍ ନ୍ୟୁଟ୍ରିଶନ ରିପୋର୍ଟ' ଅନୁସାରେ ବିଶ୍ୱରେ କୁପୋଷଣର ଶିକାର ମୋଟ ଶିଶୁଙ୍କ ସଂଖ୍ୟାର ଏକ-ତୃତୀୟାଂଶ ହେଉଛନ୍ତି ଭାରତର। ଖାଦ୍ୟ ନଷ୍ଟକୁ ଏହାର ମୁଖ୍ୟ କାରଣ ଭାବେ ଦର୍ଶାଯାଇଛି। ଦୁଗ୍ଧ ଉତ୍ପାଦନ କ୍ଷେତ୍ରରେ ଭାରତ ହେଉଛି ବିଶ୍ୱରେ ପ୍ରଥମ। ବିଶ୍ୱର ୨୨% ଦୁଗ୍ଧ ଉତ୍ପାଦନ ଆମ ଦେଶରେ ହୋଇଥାଏ। ସେହିପରି ଚାଇନା ପରେ ଭାରତ ହେଉଛି ପୃଥିବୀର ଦ୍ୱିତୀୟ ବୃହତ୍ତମ ଫଳ ଓ ପରିବା ଉତ୍ପାଦନକାରୀ ରାଷ୍ଟ୍ର। ଏହା ସତ୍ତ୍ୱେ ଭାରତରେ ବର୍ଷକୁ ପ୍ରାୟ ୫୦% କ୍ଷୀର, ଫଳ ଓ ପନିପରିବା ନଷ୍ଟ ହୋଇଥାଏ, ଯାହାର ଆନୁମାନିକ ମୂଲ୍ୟ ୬୦,୦୦୦ କୋଟି ଟଙ୍କା ବୋଲି ଆକଳନ କରାଯାଇଛି। ଏହାର କାରଣଗୁଡ଼ିକୁ ଅନୁଧାନ କଲେ ଭାରତର କୋଲ୍ଡ ଷ୍ଟୋରେଜ୍ ସିଷ୍ଟମ୍ ବା ଶୀତଳଭଣ୍ଡାର ବ୍ୟବସ୍ଥାର ଦୁର୍ବଳତା ପଦାକୁ ଆସିଥାଏ। ୨୦୧୭ରେ ସାରା ଦେଶରେ ୬,୩୦୦ଟି ଶୀତଳଭଣ୍ଡାର ଥିଲା, ଯାହାର ଫଳମୂଳ ଓ ପନିପରିବା ମହଜୁଦ କ୍ଷମତା ମୋଟ ଉତ୍ପାଦନର ମାତ୍ର ୧୧%। ବର୍ତ୍ତମାନ ଏହି ସଂଖ୍ୟା ୮୧୮୬କୁ ବଢ଼ିଥିବା ସରକାରୀ ସୂତ୍ରରୁ ପ୍ରକାଶ।

## ରାଜ୍ୟ ଖବର

### ଆଉ ୨ ଦିନ ଘନକୁହୁଡ଼ି

**ଭୁବନେଶ୍ୱର,୧୨।୧୨(ବ୍ୟୁରୋ)**

ଆସନ୍ତା ୨୪ ଘଣ୍ଟା ମଧ୍ୟରେ କଟକ, ଜଗତସିଂହପୁର, କେନ୍ଦ୍ରାପଡା, ଭଦ୍ରକ, ଖୋର୍ଦ୍ଧା, ନୟାଗଡ଼, ବୌଦ୍ଧ, କନ୍ଧମାଳ ଏବଂ ରାୟଗଡା ଜିଲାରେ ଘନ କୁହୁଡି ହେବ। ଯାତାୟାତରେ ବାଧା ସୃଷ୍ଟି ହୋଇପାରେ। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେହିପରି ୧୪ ତାରିଖରେ ଜଗତସିଂହପୁର, କଟକ, ନୟାଗଡ଼, ବୌଦ୍ଧ, କନ୍ଧମାଳ, ରାୟଗଡା, କୋରାପୁଟ ଏବଂ ନୟାଗଡ ଜିଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ କୁହୁଡି ହେବ । କୁହୁଡି ଯୋଗୁ ରାଜ୍ୟରେ ଶୀତ ହ୍ରାସ ପାଇଛି। ଫୁଲବାଣୀରେ ସର୍ବନିମ୍ନ ତାପମାତ୍ରା ୯ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ଅନ୍ୟାନ୍ୟ ସ୍ଥାନରେ ୧୦ରୁ ୧୯ ଡିଗ୍ରୀ ସେଲ୍‌ସିୟସ ମଧ୍ୟରେ ରହିଛି।

### ବିଧାୟକଙ୍କ ଗିରଫ ଦାବି କଲା ମହିଳା ସମିତି

**ଭଦ୍ରକ ଅଫିସ,୧୨।୧୨**

ଧାମନଗର ବିଧାୟକ ତଥା ବିରୋଧୀ ଦଳ ଉପନେତା ବିଷ୍ଣୁ ସେଠୀଙ୍କ ଗିରଫ ଦାବି କରିଛି ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି। ଏ ନେଇ ସମିତି ପକ୍ଷରୁ ଶନିବାର ଏସ୍‌ପିଙ୍କ ନିକଟରେ ଲିଖିତ ଅଭିଯୋଗ କରାଯାଇଛି। ମାନବ ଅଧିକାର ଦିବସ ପାଳନ ଅବସରରେ ବିଧାୟକ ସେଠୀ ଅତିଥି ଭାବେ ଯୋଗଦେଇ ନାରୀମାନଙ୍କ ପ୍ରତି ଅଭଦ୍ରୋଚିତ ଅସାମ୍ବିଧାନିକ ମନ୍ତବ୍ୟ ଦେଇଥିବା ନେଇ ଅଭିଯୋଗରେ ଦର୍ଶାଯାଇଛି। ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତିର ସର୍ବଭାରତୀୟ ସମ୍ପାଦିକା ତାପସୀ ପ୍ରହରାଜ ବିଧାୟକ ସେଠୀଙ୍କ ବିରୋଧରେ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ତାଙ୍କୁ ଗିରଫ କରିବାକୁ ସମିତି ପକ୍ଷରୁ ଜିଲା ଶାଖା ସଭାପତି ପ୍ରତିଭା ଜେନା, ସମ୍ପାଦିକା ମମତା ଜେନା, ସୁମତୀ ନାୟକ, ଶିଖା ମହାପାତ୍ର, ସୀତାରାଣୀ ଦାଶ, ରୋଜାଲିନ ସାମ୍ୟବାଦୀ, କାମିନୀ ଭୋଇ, ଶାନ୍ତିଲତା ନାୟକ ପ୍ରମୁଖ ଦାବି କରିଛନ୍ତି। ଏ ସମ୍ପର୍କରେ ବିଧାୟକ ସେଠୀ ସେଭଳି କିଛି ମନ୍ତବ୍ୟ ଦେଇ ନ ଥିବା, ବରଂ ସେ ମହିଳାମାନଙ୍କୁ ସମ୍ମାନ ଦିଅନ୍ତି ବୋଲି ପ୍ରତିକ୍ରିୟା ରଖିଛନ୍ତି।

## ମନ୍ଥର ତଦନ୍ତକୁ ନେଇ ପ୍ରଶ୍ନ

**ଭୁବନେଶ୍ୱର,୧୨।୧୨(ବ୍ୟୁରୋ)**

**ଶିଶୁ ନିଖୋଜ ପ୍ରସଙ୍ଗ**
- ସରକାର ଶ୍ୱେତପତ୍ର ପ୍ରକାଶ କରନ୍ତୁ: କଂଗ୍ରେସ

ରାଜ୍ୟରେ ଆଇନ ଶୃଙ୍ଖଳା ଭୁଶୁଡି ପଡିଛି। ୨୦୧୭ରୁ ଏପର୍ଯ୍ୟନ୍ତ ପ୍ରାୟ ୬ ହଜାରରୁ ଉର୍ଦ୍ଧ୍ୱ ଶିଶୁ ନିରୁଦ୍ଦିଷ୍ଟ ମାମଲା ରହିଥିବା ବେଳେ ତଦନ୍ତ ହାର ଅତ୍ୟନ୍ତ ନଗଣ୍ୟ । ୨୦୧୬ ସେପ୍ଟେମ୍ବରରୁ ଏଯାଏ ରାଜ୍ୟରେ ପ୍ରାୟ ୭୦୦୦ ନାବାଳିକା ଓ ନାବାଳକ ନିଖୋଜ ହୋଇଛନ୍ତି ବୋଲି ସରକାରୀ ସୂତ୍ର କହୁଛି। ଏଥିରୁ ପ୍ରାୟ ୫୦୫୦ ଜଣ ହେଉଛନ୍ତି ନାବାଳିକା। ଏଭଳି ଅଭାବନୀୟ ଓ ହୃଦୟବିଦାରକ ତଥ୍ୟ ପ୍ରମାଣ କରୁଛି ଯେ, ରାଜ୍ୟରେ ଅନାଥ ଓ ବିପନ୍ନ ଶିଶୁମାନଙ୍କର ଏକାଧିକ ଚାଲାଣ ର୍ୟାକେଟ୍ ସକ୍ରିୟ ଭାବେ କାର୍ଯ୍ୟ କରୁଛି। ପ୍ରଶାସନିକ ଅବହେଳା ଯୋଗୁ ଶିଶୁ ନିଖୋଜ ଘଟଣା ବୃଦ୍ଧି ପାଉଛି। ବର୍ତ୍ତମାନ ରାଜ୍ୟରେ କେତେ ଶିଶୁ ନିଖୋଜ ଅଛନ୍ତି ତାହା ଶ୍ୱେତପତ୍ର ମାଧ୍ୟମରେ ସରକାର ଜନସାଧାରଣଙ୍କୁ ଜଣାନ୍ତୁ। ଶନିବାର କଂଗ୍ରେସ ଭବନଠାରେ ଏକ ଖବରଦାତା ସମ୍ମିଳନୀରେ ପିସିସି ମୁଖପାତ୍ର ମନୋଜ ମହାପାତ୍ର ଓ ପଦ୍ମାକର ଗୁରୁ ଏହି ଦାବି କରିଛନ୍ତି । ଏହାସହ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ଓ ରାଜ୍ୟରେ ବଢିଚାଲିଥିବା ଶିଶୁ ନିଖୋଜ ଘଟଣା ନେଇ ସରକାରଙ୍କୁ କଡା ସମାଲୋଚନା କରିଛନ୍ତି। ନୟାଗଡ଼ ପରୀ ହତ୍ୟାକାଣ୍ଡ ଘଟଣା ରାଜ୍ୟରେ ଝଡ଼ ସୃଷ୍ଟି କରିଥିବା ବେଳେ ପିହୁ ଘଟଣାର ମନ୍ଥର ତଦନ୍ତକୁ ନେଇ ସମ୍ପୃକ୍ତ ଅଞ୍ଚଳର ଜନସାଧାରଣଙ୍କ ମଧ୍ୟରେ ସନ୍ଦେହ ଓ ପ୍ରତିକ୍ରିୟା ସୃଷ୍ଟି ହୋଇଛି। ଉକ୍ତ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରି ସତ୍ୟାସତ୍ୟର ପର୍ଦ୍ଦାଫାଶ କରିବାକୁ ରାଜ୍ୟ କଂଗ୍ରେସ ପକ୍ଷରୁ ଦୃଢ଼ ଦାବି କରାଯାଇଛି। ସେହିପରି ଶନିବାର ନୟାଗଡ଼ ଜିଲା ରଣପୁର ବ୍ଲକ ଓ ନିର୍ବାଚନ ମଣ୍ଡଳୀର ବିଧିପାଟଣା ଗ୍ରାମର ସଞ୍ଜୟ ସାହୁଙ୍କ ଝିଅ ସ୍ୱାତୀ ଗାଁଦାଣ୍ଡରେ ଖେଳୁଥିବା ବେଳେ ନିଖୋଜ ହୋଇଯିବା ଘଟଣା ରାଜ୍ୟର ଶିଶୁମାନଙ୍କ ପ୍ରତି ଚରମ ଆକ୍ରମଣ ବୋଲି ମହାପାତ୍ର କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ରଶ୍ମି ମହାପାତ୍ର, ଅମିୟ ପାଣ୍ଡବ ଓ ରଜନୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

ଅନ୍ୟପକ୍ଷରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ରାଜ୍ୟ ମହିଳା କଂଗ୍ରେସର କାର୍ଯ୍ୟକାରୀ ସଭାନେତ୍ରୀ ବନ୍ଦିତା ପରିଡ଼ା ଶନିବାର ଯାଜପୁର ଜିଲା ଗସ୍ତ କରିଛନ୍ତି। ସେ ଏହି ଜିଲାର ବିଞ୍ଝାରପୁର ଥାନା ଅନ୍ତର୍ଗତ ମଧୁସୂଦନପୁର ପଞ୍ଚାୟତ ୬ ନଂ. ୱାର୍ଡର ମୋନାଲିସା ନାୟକଙ୍କ ବାପ ଘରେ ପହଞ୍ଚି ୪ ମାସ ତଳେ ନିଖୋଜ ୨ବର୍ଷର ଶିଶୁକନ୍ୟା ଶୁଭଲକ୍ଷ୍ମୀ (ପିହୁ)ର ବାପା, ମା'ଙ୍କୁ ସାକ୍ଷାତ୍ କରି ଘଟଣାର ସବିଶେଷ ତଥ୍ୟ ସଂଗ୍ରହ କରିଛନ୍ତି।

## ଗାଁ ଦାଣ୍ଡରୁ ପୁଣି ଜଣେ ଶିଶୁକନ୍ୟା ନିଖୋଜ

**ନୟାଗଡ଼ ଅଫିସ/ରଣପୁର,୧୨।୧୨(ସ୍ୱ.ପ୍ର.):**

- ପୋଲିସର ତନାଘନା ଜାରି
- ସ୍ଥିତି ଅନୁଧ୍ୟାନ କଲେ ଏସ୍‌ପି

ନୟାଗଡ଼ ଜିଲା ରଣପୁର ଥାନା ବଧିପାଟଣା ଗାଁର ସଞ୍ଜୟ ସାହୁଙ୍କ ୩ବର୍ଷର ଝିଅ ହରପ୍ରିୟା ଶୁକ୍ରବାର ନିଖୋଜ ହୋଇ ଯାଇଛନ୍ତି । ସେ ଅପରାହ୍ନ ପ୍ରାୟ ୨ଟା ସମୟରେ ଗାଁ ଦାଣ୍ଡରେ ଖେଳୁଥିବା ବେଳେ କୁଆଡ଼େ ଚାଲି ଯାଇଥିଲେ । ପରୀ ଅପହରଣ ଘଟଣା ପରେ ହରପ୍ରିୟା ନିଖୋଜ ହେବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି । ଏନେଇ ସୁନାଖଳା ଫାଣ୍ଡିରେ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି । ପରିବାର ପକ୍ଷରୁ ବନ୍ଧୁବାନ୍ଧବଙ୍କ ଘରେ ଖୋଜାଖୋଜି ସରିଲାଣି। ହେଲେ ହରପ୍ରିୟାଙ୍କ ପତ୍ତା ମିଳୁନି । କେହି ଦୁର୍ବୃତ୍ତ ତାଙ୍କୁ ଉଠାଇ ନେଇଥିବା ଗ୍ରାମବାସୀ ସନ୍ଦେହ କରୁଛନ୍ତି । ଓଡ୍ରାଫ ଟିମ୍ ଓ ଦମକଳ ବାହିନୀ ନିକଟସ୍ଥ ଜଙ୍ଗଲ ଏବଂ ଗାଁ ପୋଖରୀରେ ଖୋଜାଖୋଜି କରିଥିଲେ ମଧ ଟେର୍ ମିଳିନି । ଡଗ୍ ସ୍କ୍ୱାଡ ତଦନ୍ତ ସାରି ଫେରିଛି । ଶନିବାର ନୟାଗଡ଼ ଏସ୍‌ପି ବଧିପାଟଣା ଗାଁକୁ ଯାଇ ସ୍ଥିତି ଅନୁଧ୍ୟାନ କରିବା ସହ ଗ୍ରାମବାସୀଙ୍କୁ ପଚରାଉଚରା କରି ଫେରିଛନ୍ତି । ରଣପୁର ଥାନା ଆଇଆଇସି ଘଟଣା ତଦନ୍ତ ଜାରି ରଖିଛନ୍ତି ।

## ବନ ବିଭାଗର ୱାନ୍ ଟେଷ୍ଟ ୱାନ୍ ପ୍ଲାଣ୍ଟ ଯୋଜନା

**ସମ୍ବଲପୁର,୧୨।୧୨(ବ୍ୟୁରୋ):**

**ଇକୋ ରିଟ୍ରିଟରେ ପର୍ଯ୍ୟଟକ ସ୍ମୃତି ସାଇତି ପାଇଁ ପ୍ରୟାସ**

ସମ୍ବଲପୁର ଜିଲା ହୀରାକୁଦଠାରେ ଇକୋ-ରିଟ୍ରିଟ ଡିସେମ୍ବର ୯ ତାରିଖଠାରୁ ଆରମ୍ଭ ହୋଇଛି। ଇକୋ ରିଟ୍ରିଟରେ ଆସୁଥିବା ପର୍ଯ୍ୟଟକଙ୍କ ସ୍ମୃତି ସାଇତି ରଖିବା ପାଇଁ ବନ ବିଭାଗ ପକ୍ଷରୁ ୱାନ୍ ଟେଷ୍ଟ ୱାନ୍ ପ୍ଲାଣ୍ଟ ଯୋଜନା କରାଯାଇଛି। ଅର୍ଥାତ୍ ଜଣେ ପର୍ଯ୍ୟଟକ ଗୋଟିଏ ଚାରା ରୋପଣ କରିବେ। ଇକୋ ରିଟ୍ରିଟ ସ୍ଥଳ ମହାହନୀ ତଟରେ ଏହି ଚାରା ରୋପଣ କରାଯାଇଛି। ବୃକ୍ଷ ରୋପଣ ସମୟରେ ପରିଚୟ ମଧ୍ୟ ବନ ବିଭାଗ ସାଇତି ରଖିବ। ଏହି ଉତ୍ସବ ଚାଲୁଥିବା ସମୟରେ ସେମାନେ ଏହାର ସୁରକ୍ଷା ଓ ଯତ୍ନ ନେବେ ଓ ପରେ ବନ ବିଭାଗ ଚାରାଗୁଡିକର ସୁରକ୍ଷା କରିବ। ଏଭଳି ୨ ହଜାର ଚାରା ରୋପଣ କରାଯିବାର ଲକ୍ଷ୍ୟ ରଖାଯାଇଛି ବୋଲି ସମ୍ବଲପୁର ଡିଏଫ୍ଓ ଡ. ସଞ୍ଜୀତ କୁମାର କହିଛନ୍ତି। ସେ କହିଛନ୍ତି, ପର୍ଯ୍ୟଟକମାନେ ଇକୋ ରିଟ୍ରିଟକୁ ମନୋରଞ୍ଜନ ପାଇଁ ଆସନ୍ତି। ସେମାନେ ଆସୁଥିବା ସ୍ମୃତିକୁ ସାଇତି ରଖାଯିବ। ଯେଉଁ ପର୍ଯ୍ୟଟକ ଚାହିଁବେ ସିଡ୍ ବଲ ତିଆରି କରିବା ପାଇଁ ତାଲିମ ଦିଆଯିବ। ଏଥିପାଇଁ ୨ ଜଣ କର୍ମଚାରୀ ନିୟୋଜିତ ଅଛନ୍ତି। ଏହାକୁ ସୁରକ୍ଷିତ ରଖାଯାଇ ବର୍ଷା ସମୟରେ ବ୍ୟବହାର କରାଯିବ। ଇକୋ ରିଟ୍ରିଟ ଆଗକୁ ମଧ ହେବ। ତେଣୁ ପ୍ରତିବର୍ଷ ଚାରା ରୋପଣ କଲେ ଆଗାମୀ ଦିନରେ ଏହି ସ୍ଥାନ ସବୁଜିମାରେ ଭରିଯିବ।

